**ରାଷ୍ଟ୍ରୀୟ ନବବର୍ଷ ପାଳିତ**

ନିମାପଡ଼ା,(ରଞ୍ଜନ ପଟ୍ଟନାୟକ)- ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ନିମାପଡ଼ା ପକ୍ଷରୁ ରବିବାର ରାଷ୍ଟ୍ରୀୟ ନର୍ଷ ପାଳିତ ହୋଇଯାଇଛି। ପ୍ରଥମେ ପୁରୁଣା ବସଷ୍ଟାଣ୍ଡସ୍ଥିତ ପ୍ରଭୁ ମହାବୀର ମନ୍ଦିରରେ ଧାର୍ମିକ ଶୋଭାଯାତ୍ରା ଆରମ୍ଭ ପୂର୍ବରୁ ସ୍ଥାନୀୟ ପୋଲିସ ବିଭାଗ ନିମାପଡ଼ାର ଉପଆରକ୍ଷୀ ଜନାର୍ଦ୍ଦନ ପାଢ଼ୀ ଦୀପ ପ୍ରଜ୍ୱଳନ ପୂର୍ବକ ଧାର୍ମିକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପୂର୍ଣ୍ଣେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ବୌଦ୍ଧିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ଭାବେ ଭାବେ ବିଶ୍ୱହିନ୍ଦୁ ପରିଷଦର ପୁରୀ ଜିଲା ସଭାପତି ରାଜେନ୍ଦ୍ର ପ୍ରସାଦ ମହାନ୍ତି, ମହନ୍ତ ବୈକୁଣ୍ଠ ଦାସ, ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ସଭାକାର୍ଯ୍ୟକୁ ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନିମାପଡ଼ା ଖଣ୍ଡ କାର୍ଯ୍ୟାହ ଶ୍ରୀ ଭାଗୀରଥି ଓଝା ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୩।୨୦୨୫

| | |
|---|---|
| ୬,୯୩,୦୮୫ ଟଙ୍କା | |
| ସୁନା | ୩.୨୦୦ ଗ୍ରାମ୍ |
| ରୁପା | ୨୫ ଗ୍ରାମ୍ |

## ସଂକ୍ଷେପରେ

### ମୈଜୁଡେ ତନ୍ତବାୟ ସହଯୋଗ ସମିତିର ବାର୍ଷିକୋତ୍ସବ

ବଲଙ୍ଗା,୩୦।୩(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ମୈଜୁଡେ ତନ୍ତବାୟ ସହଯୋଗ ସମିତିର ବାର୍ଷିକୋତ୍ସବ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଶରତଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ, ଟେକ୍ନିକାଲ ଆସିଷ୍ଟାଣ୍ଟ ଗୁଣ୍ଡିଚା ମହାନ୍ତି, ପୂର୍ବତନ ସଭାପତି ଜନ୍ମେଶ୍ୱର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୁଣାକାରଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ଓ ସହାୟତା ଉପରେ ମତବ୍ୟକ୍ତ କରିଥିଲେ। ସମିତି ସମ୍ପାଦକ ନରେଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମିତିର ୧୨ ଜଣ ବରିଷ୍ଠ ବୁଣାକାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରହଲ୍ଲାଦ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସେନାପତି, ଅଭିମନ୍ୟୁ ସାହୁ, ଯଦୁମଣି ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ମାତାପିତା ପିଲାଙ୍କ ପ୍ରଥମ ଗୁରୁ

ଯୋଗେଶ୍ୱରପୁର,୩୦।୩ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବରୀ ପଞ୍ଚାୟତର ଶିଙ୍ଗପାନିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲବରୀ ସରପଞ୍ଚ ପ୍ରଭାତୀ ସାହୁ, ମୁଖ୍ୟବକ୍ତା ଭାବେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ପିଲାଙ୍କ ପ୍ରଥମ ଗୁରୁ ହେଲେ ମାତାପିତା ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜଙ୍ଗଲବରି ପଞ୍ଚାୟତ ସମିତି ସଭ୍ୟ ତାରିଫ ହୟାତ ବେଗ, ନାଏବ ସରପଞ୍ଚ ଶ୍ରୀକାନ୍ତ ସାହୁ, ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶିବଦତ୍ତ ନାୟକ, ପତିତପାବନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ମିଶ୍ର, ଗୋପ ଶିକ୍ଷକ ସଂଘ ସଭାପତି ଅଜୟ ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ପରିଡ଼ା, ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିକର୍ତ୍ତନ ଦୀକ୍ଷିତ, ବିଦ୍ୟାଳୟ ସଭାପତି କବିନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ, ଶିକ୍ଷୟିତ୍ରୀ ବେବିନା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ପ୍ରଥମ ପର୍ଯ୍ୟାୟରେ ୧୨୦୦ ହିତାଧିକାରୀଙ୍କୁ ମିଳିଲା କାର୍ଯ୍ୟାଦେଶ

## ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଆଉ ରହିବନି କଚ୍ଚା ଘର। ଜରିପାଲ ତଳେ ଗରିବ ଲୋକଙ୍କୁ ଆଉ ରହିବାକୁ ପଡ଼ିବ ନାହିଁ। କଚ୍ଚା ଘରେ ରହୁଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ମିଳିବ ପକ୍କାଘର। ତାଳବଣିଆ ପଡ଼ିଆ ଠାରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୨୦୦ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଘର ପାଇବା ପାଇଁ ହେଲେ କୌଣସି ଅଧିକାରୀ କିମ୍ବା ମଧ୍ୟସ୍ଥଙ୍କୁ ଲାଞ୍ଚ କି ହାତଗୁଞ୍ଜା ଦେବାକୁ ପଡ଼ିବ ନାହିଁ। ଯେ କେହି ବି ଏଭଳି ବେଆଇନ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ।

ପୁରୀ ତାଳବଣିଆ ପଡ଼ିଆଠାରେ ଆୟୋଜିତ ଅନ୍ତ୍ୟୋଦୟ ଗୃହ ଶୁଭାରମ୍ଭ ଯୋଜନା କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଏମ୍‌ପି ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ରଙ୍କ ସହ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା, ଏହାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ହେଉଛି ଅନ୍ତ୍ୟୋଦୟ ଗୃହ ଯୋଜନା। ଜିଲାରେ ୧୨୦୦ ନିରାଶ୍ରୟ, ଗରିବ, ବିଧବା ମହିଳାମାନଙ୍କୁ ଘର ଦିଆଯାଇଛି। ଓଡ଼ିଶାରେ ବିକଶିତ ଓଡ଼ିଶା ପାଇଁ ଏକ ନୂତନ ଯୁଗ ଆରମ୍ଭ ହେଲା ବୋଲି ଆଶା କରୁଛି ସେ କହିଛନ୍ତି।

ପୁରୀ ଏମ୍‌ପି ପାତ୍ର କହିଛନ୍ତି, ଭାଜପା ପକ୍ଷରୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରାଯାଉଛି। ରାଜ୍ୟରେ ଭାଜପା ସରକାରଙ୍କୁ ୧ ବର୍ଷ ପୂରିନଥିଲେ ମଧ୍ୟ ଅନେକ ଜନହିତକର ଯୋଜନା ଲାଗୁ କରାଯାଇଛି। ଆଜି କଳାହାଣ୍ଡିରୁ ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଯେଉଁମାନେ ପକ୍କାଘର ପାଇନାହାନ୍ତି ସେମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପକ୍କାଘର ପାଇପାରିବେ। ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଉନ୍ନତି ସହ ଲୋକଙ୍କ କଲ୍ୟାଣ ହେବ ବୋଲି ସେ କହିଛନ୍ତି।



ପୁରୀ ତାଳବଣିଆଠାରେ ଅନୁଷ୍ଠିତ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ସୁନୀଲ କୁମାର ମହାନ୍ତି, ବିଧାୟିକା ଉପାସନା ମହାପାତ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ।




ଟ୍ରାନ୍ସଜେଣ୍ଡର ଦିବସ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ନିକୁଞ୍ଜ ନାଏକଙ୍କ ବାଲୁକା କଳା।

# ଆକର୍ଷଣ ସାଜିଲା ନୃତ୍ୟାଭିନୟ 'ସମୁଦ୍ର ମନ୍ଥନ'

## ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ସାକ୍ଷୀଗୋପାଳ,୩୦।୩ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସ୍ଥାନୀୟ ବୀରଗୋବିନ୍ଦପୁର ବଡ଼ହାଟ ଗ୍ରାମରେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ପରିସରରେ ତିନିଦିନିଆ ଗୁରୁକୁଳ ଉତ୍ସବ-୨୦୨୫ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ସନ୍ଧ୍ୟା ଓଡ଼ିଶୀ ସଙ୍ଗୀତ ଗାୟନରୁ ଆରମ୍ଭ ହୋଇ ସାଂସ୍କୃତିକ ସମାରୋହ ଲୋକ ନୃତ୍ୟରେ ଶେଷ ହୋଇଥିଲା। ଅତିଥି ଭାବେ ଅସୀମ କୁମାର ବେହେରା, ବିଶିଷ୍ଟ ନୃତ୍ୟଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ତବଲା ଗୁରୁ ଅଜୟ ଚୌଧୁରୀ, ଗୁରୁଶ୍ରୀ ନିମକାନ୍ତ ରାଉତରାୟ, ଗୁରୁଶ୍ରୀ ଧନେଶ୍ୱର ସ୍ୱାଇଁ, ଗୁରୁଶ୍ରୀ ହିମାଂଶୁ ଶେଖର ସ୍ୱାଇଁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଥମ ପ୍ରସ୍ତୁତିରେ ଗୁରୁକୁଳର ଛାତ୍ରୀଛାତ୍ରଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ବେଶ ମନୋମୁଗ୍ଧକର ହୋଇଥିଲା। ପରେ ଓଡ଼ିଶୀ କଣ୍ଠ ସଙ୍ଗୀତରେ ଗୁରୁ ଅଚ୍ୟୁତ ମହାରଣା ରାଗ କିରୱାଣି ପରିବେଷଣ କରି ଶ୍ରୋତାଙ୍କ ମନ ମୋହିଥିଲେ। ଡ. ବିଭୂତି ଭୂଷଣ ଚମ୍ପତି ଓଡ଼ିଶୀ ମର୍ଦ୍ଦଳ ବାଦନରେ ତାଳ-ଆଦିତାଳ ପରିବେଷଣ କରିଥିଲେ। ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ନୃତ୍ୟ ସଂଯୋଜନାରେ ରୁଦ୍ରାକ୍ଷ ଅନୁଷ୍ଠାନର ନୃତ୍ୟଶିଳ୍ପୀ ପରିବେଷଣ କରିଥିବା ନୃତ୍ୟାଭିନୟ 'ସମୁଦ୍ର ମନ୍ଥନ' ବେଶ ଆକର୍ଷଣୀୟ ହୋଇଥିଲା। ଶେଷରେ ଗୁରୁ ନିରଞ୍ଜନ ରାଉତଙ୍କ ନୃତ୍ୟ ସଂଯୋଜନାରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଉପସ୍ଥିତ ଦର୍ଶକ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଶ୍ରୀନିବାସ ଘଢ଼ୁଆରୀ ସଂଯୋଜନା କରିଥିଲେ।




ଗୁରୁକୁଳର ବିଦ୍ୟାର୍ଥୀମାନେ ସରସ୍ୱତୀଙ୍କ ବନ୍ଦନା ପରିବେଷଣ କରୁଛନ୍ତି।

# ଠକେଇ ମାମଲାରେ ଜେଲ ଗଲେ ଦମ୍ପତି

ନିମାପଡ଼ା,୩୦।୩(ବିଚିତ୍ରାନନ୍ଦ ସାହୁ)

ଜଣେ ବ୍ୟକ୍ତିଙ୍କଠାରୁ ଚଞ୍ଚକତା କରି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ନିମାପଡ଼ା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଦମ୍ପତିଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଦମ୍ପତିଙ୍କ ବିରୋଧରେ ଟଙ୍କା ଠକେଇ ଅଭିଯୋଗରେ ନିମାପଡ଼ା ଥାନାରେ କେସ୍ ନଂ. ୮୮/୨୫ରେ ମାମଲା ରୁଜୁ କରାଯାଇଛି। ସେମାନେ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ଗୋଡ଼ିପଦା ଗ୍ରାମର ଦିନେଶ କୁମାର ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ ନାୟକ।

ସୂଚନା ମୁତାବକ, ଗୋପ ଥାନା ଅଧୀନ ଲୁଣାହାର ଗ୍ରାମର ଭାସ୍କର ପ୍ରଧାନଙ୍କ ସହ ଦିନେଶ ବନ୍ଧୁତା ସ୍ଥାପନ କରିଥିଲେ। ଭାସ୍କରଙ୍କ ପୁଅଙ୍କ ଚାକିରି କରାଇଦେବାକୁ କହି ତାଙ୍କଠାରୁ ଦିନେଶ ୨ଟି ପର୍ଯ୍ୟାୟରେ ୧୦ ଲକ୍ଷ ୪୭ ହଜାର ଟଙ୍କା ଠକି ନେଇଥିବା ନେଇ ସେ ଗତ ୨୫ ତାରିଖରେ ନିମାପଡ଼ା ଥାନାରେ ଏକ ମାମଲା ରୁଜୁ କରିଥିଲେ। ନିମାପଡ଼ା ଥାନା ଏସ୍‌ଆଇ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଖବର ପାଇ ଅଚାନକ କେନ୍ଦ୍ରାପଡ଼ା ଅଞ୍ଚଳରେ ଚଢ଼ାଉ କରି ଏହି ଦମ୍ପତିଙ୍କୁ ଶନିବାର ଗିରଫ କରିଥିଲେ। ତେବେ ଦମ୍ପତି ଏକାଧିକ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ନିମାପଡ଼ାରେ ଚର୍ଚ୍ଚା ହେଉଛି। ଦିନେଶ ତାଙ୍କ ସ୍ତ୍ରୀଙ୍କୁ ଜଣେ ନାରୀନେତ୍ରୀ ଭାବେ ପରିଚୟ ଦେଇଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ନିମାପଡ଼ାରେ ଏକ ଭଡ଼ା ଘରେ ରହି ଜ୍ୟୋସ୍ନାରାଣୀ ବିଧାୟକ ପ୍ରାର୍ଥୀ ହେବେ କହି ଲୋକଙ୍କୁ ଭଣ୍ଡାଉଥିଲେ।

# ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

## ସନ୍ଧ୍ୟା ୫ରୁ ରାତି ୧୦ ଯାଏ ଦର୍ଶନ ବନ୍ଦ

ଚୈତ୍ର ମାସ ଶୁକ୍ଳ ଦ୍ୱିତୀୟା ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିବେ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ମଇଲମ ନୀତି ଅନୁଷ୍ଠିତ ହେବ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଜ ଘର ବିଜେ କରିବେ। ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ମହାପ୍ରଭୁଙ୍କ ଏହା ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସମ୍ପନ୍ନ ହେବା ପରେ ଦଇତାପତି ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହି ନୀତି ନିମନ୍ତେ ସୋମବାର ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କାୟାକଳ୍ପ ଯୋଜନାରେ ଟି ବି ଆଣ୍ଡ ଆଇଡି ହସ୍‌ପିଟାଲ ଅନ୍ତର୍ଭୁକ୍ତ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ପ୍ରଥମ ଥର ପାଇଁ କେନ୍ଦ୍ର ସରକାରଙ୍କ କାୟାକଳ୍ପ ଯୋଜନାରେ ଟି ବି ଆଣ୍ଡ୍ ଆଇଡି ମେଡିକାଲ୍ ଅନ୍ତର୍ଭୁକ୍ତ ହୋଇଛି। ପୁରସ୍କାରସ୍ୱରୂପ ୧ଲକ୍ଷ ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଅବସରରେ ଆର୍ କେ ଏସ ଗଭର୍ନିଂ ବଡି ସଦସ୍ୟ ତଥା ବିଧାୟକଙ୍କର ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡ. ଉତ୍ପଳ କୁମାର ନନ୍ଦୀଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ୩ଜଣିଆ ଟିମ୍ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରୋଗ୍ରାମ ମ୍ୟାନେଜର ଗତ ୧୮.୧.୨୫ ତାରିଖରେ ଟି ବି ଆଣ୍ଡ୍ ଆଇଡି ଡାକ୍ତରଖାନାକୁ ଭ୍ରମଣ କରି ଡାକ୍ତରଖାନାର ପରିମଳ ବ୍ୟବସ୍ଥା, ସଫେଇ କାର୍ଯ୍ୟ, ରୋଗୀ ସେବା ଓ ସବୁଜିମା ଭରା ବୃକ୍ଷ ଉଦ୍ୟାନକୁ ଖୁବ୍ ପ୍ରଶଂସା କରିଥିଲେ। ଏହାର ସଫଳତା ପାଇଁ ମର୍ଦ୍ଦରାଜ ଡକ୍ଟର ନନ୍ଦୀ, କାୟାକଳ୍ପ ଦାୟିତ୍ୱରେ ଥିବା ପୁଷ୍ପାଞ୍ଜଳି ନାୟକ, ମେଡିକାଲର ସମସ୍ତ ଡାକ୍ତର ଏବଂ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇବା ସହ ଅନେକ ପ୍ରଶଂସା କରିଛନ୍ତି। ଏହି ପରି ଉଦ୍ୟମ ଜାରି ରଖି ଆଗାମୀ ଦିନରେ କାୟାକଳ୍ପ ଯୋଜନାରେ ଟି ବି ଆଣ୍ଡ ଆଇଡି ହସ୍‌ପିଟାଲ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ କରିଛନ୍ତି।

# ଗାନ୍ଧୀଙ୍କ ଜୀବନାଦର୍ଶ ଚିର ଅମର



ଫଟୋଚିତ୍ର ପ୍ରଦର୍ଶନୀରେ ଜଣେ ଶିକ୍ଷକ ପିଲାମାନଙ୍କୁ ଗୋଲାପ ଦେଇ ସ୍ୱାଗତ କରୁଛନ୍ତି ।

## ଗାନ୍ଧୀ ସ୍ମୃତିପୀଠରେ ଗାନ୍ଧୀ ଫଟୋ ଚିତ୍ର ପ୍ରଦର୍ଶନୀ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଗାନ୍ଧୀ ସ୍ମାରକୀ ସମିତି ପକ୍ଷରୁ ବେରବୋଇ ଗାନ୍ଧୀ ସ୍ମୃତି ପୀଠଠାରେ ରବିବାର ଏକ ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ବିଶିଷ୍ଟ ଗାନ୍ଧିବାଦୀ ପ୍ରହଲ୍ଲାଦ କୁମାର ସିଂ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ। ସମିତିର ସଭାପତି କୁନ୍ତଳା କୁମାରୀଙ୍କ ସଭାପତିତ୍ୱରେ ସ୍ତମ୍ଭକାର ତଥା ଲେଖକ ଗୌରାଙ୍ଗ ଚରଣ ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଗାନ୍ଧୀଙ୍କ ଜୀବନୀ, ଆଦର୍ଶ ଓ କର୍ମପ୍ରବଣତା ଚିର ଅମର ବୋଲି ଅତିଥିମାନେ ମତ ଦେଇଥିଲେ। ଅତିଥିମାନେ ଗୌରାଙ୍ଗ ପରିଡ଼ାଙ୍କ ରଚିତ ପୁସ୍ତକ 'ଗାନ୍ଧୀ ଗପ ଶତକ'କୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଚନ୍ଦ୍ର ଶେଖର ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗାନ୍ଧୀଙ୍କ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଖଦି ବସ୍ତ୍ର ପ୍ରଦର୍ଶନ ସହ ବିକ୍ରୟ ଓ ଗୌରାଙ୍ଗ ପରିଡ଼ାଙ୍କ ଗାନ୍ଧୀଙ୍କ ଉପରେ ପ୍ରକାଶିତ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା। ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ବ୍ୟକ୍ତି, ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଦସ୍ୟ ଶଶାଙ୍କ ଚୂଡ଼ାମଣି ଧନ୍ୟବାଦ ଦେଇଥିଲେ। ସର୍ବେଶ୍ୱର ବରେଇ, ସନ୍ତୋଷ ବିଶ୍ୱାଳ, ଭାଗୀରଥି ପରିଡ଼ା, ଅମରେନ୍ଦ୍ର ବାରିକ, ଅଭୟ ଚରଣ ସାହୁ, ଅନାମ ମଲ୍ଲିକ, ଦ୍ୱିତୀକୃଷ୍ଣ ରାଉତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସାନ୍‌ଭି ଏକାଦଶକୁ ପରାସ୍ତ କରି ମା' ଦକ୍ଷିଣକାଳୀ ଟିମ୍ ଚାମ୍ପିୟନ

## ବିପିଏଲ୍ ରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟ

ପିପିଲି,୩୦।୩(ଦୁର୍ଗା ମାଧବ ମିଶ୍ର)

ପିପିଲି ଜଇସପାଟଣା ନିକଟ ଭାଲିଆବିଲି ଖେଳପଡ଼ିଆରେ ଜଗଜ୍ଜନନୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୮ମ ବାର୍ଷିକ ବିପିଏଲ୍ ରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାନ୍‌ଭି ଏକାଦଶକୁ ପରାସ୍ତ କରି ମା' ଦକ୍ଷିଣକାଳୀ ଟିମ୍ ଚାମ୍ପିୟନ ହୋଇଛି। ୨ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ମା' ଦକ୍ଷିଣକାଳୀ, ସାନ୍‌ଭି ଏକାଦଶ, ଲିଜେଣ୍ଡ ଏକାଦଶ ଓ ଜିପିଏସ୍ ଟାଇଗର ୪ଟି ଟିମ୍ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡା. ତିରୁପତି ପାଣିଗ୍ରାହୀ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ୍ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଉପସ୍ଥିତ ଥିଲେ। ଦକ୍ଷିଣକାଳୀ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ୍ ହରାଇ ୧୧୨ ରନ୍ କରିଥିଲା। ଜବାବରେ ସାନ୍‌ଭି ଏକାଦଶ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୯୬ ରନ୍ କରି ପରାଜିତ ହୋଇଥିଲା। ସ୍ୱରାଜ ବାରିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ଅଶୋକ ପ୍ରଧାନ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ବିଗ୍ କପ୍ କାଫେ ଟୁର୍ନାମେଣ୍ଟରେ ପ୍ରାୟୋଜକ ରହିଥିଲେ। କ୍ଲବ ସଭାପତି ପ୍ରମୋଦ ସ୍ୱାଇଁ, ପ୍ରଫୁଲ୍ଲ ପ୍ରଧାନ, ସୁଶାନ୍ତ ପ୍ରଧାନ, ଦିଲୀପ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ ।

# ଗଭୀର ଅଧ୍ୟବସାୟ ହିଁ ଶ୍ରେଷ୍ଠତା ଆଣିଥାଏ

## ଭଗବତୀ ବିଦ୍ୟାନିକେତନର ୨୬ତମ ସାମ୍ବତ୍ସରିକ ସମାରୋହ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଅଠରନଳାସ୍ଥିତ ଭଗବତୀ ବିଦ୍ୟାନିକେତନର ୨୬ତମ ସାମ୍ବତ୍ସରିକ ସମାରୋହ ଆଖଣ୍ଡଳମଣି ମନ୍ଦିର ତପୋବନ ପରିସରରେ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପରିଡ଼ା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଲାୟନ୍ସ କ୍ଲବର ଡିଷ୍ଟ୍ରିକ୍ଟ ଚେୟାର ପର୍ସନ ସାମାଜିକ କର୍ମୀ ଗିରୀଶ ଚନ୍ଦ୍ର ନାୟକ, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହସମ୍ପାଦକ ଲକ୍ଷ୍ମୀଧର ମାଝୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

କୁନି କୁନି ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ବିଦ୍ୟାଳୟର ସ୍ମରଣିକା 'ପ୍ରତିଜ୍ଞା' ଏବଂ 'ସନ୍ ଡେ ଫନ୍ ଡେ' ଲୋଗୋ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗଭୀର ଅଧ୍ୟବସାୟ ଏବଂ ଏକାଗ୍ରତା ହିଁ ଶ୍ରେଷ୍ଠତା ଆଣିଥାଏ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷା ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦତ୍ତତୋଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ସାହୁ, ଡେଲାଙ୍ଗ ଗଡ଼ମୋଟରୀ ସ୍ଥିତ ବିଶ୍ୱନାଥ ଦେବ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶ, ଶିକ୍ଷୟିତ୍ରୀ ମାନସୀ ଦାଶଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ସନ୍ତୋଷ କୁମାର ମିଶ୍ରଙ୍କୁ କୈଳାସ ରାୟ ସ୍ମୃତି ସମ୍ମାନ, ଜାତୀୟ ପୁରସ୍କାରପ୍ରାପ୍ତ ଆଶାକର୍ମୀ ସୁକାନ୍ତି ଜେନାଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପଞ୍ଚମ ଶ୍ରେଣୀରେ ସରକାରୀ ବୃତ୍ତି ଲାଭ କରିଥିବା ଓମ୍ କ୍ରିଷ୍ଣା ସ୍ୱାଇଁ, ଶ୍ରେଷ୍ଠ କ୍ରୀଡ଼ାବିତ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରାତଃ ବିଭାଗ ସଞ୍ଚାଳିକା ମମତା ଦାସ ଧନ୍ୟବାଦ ଦେଇଥିଲେ। ଗୁରୁ ରବୀନ୍ଦ୍ର ବେହେରା, ସୁସ୍ମିତା ବାରିକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶୀ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଭଗବତୀ ବିଦ୍ୟା ନିକେତନର ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୧୮୧ ହିତାଧିକାରୀ

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ

କଳାହାଣ୍ଡିର ଭବାନୀପାଟଣାରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ତରାବୋଇସ୍ଥିତ ଦକ୍ଷତା ବିକାଶ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଜଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଜିଲାପାଳ ଚଞ୍ଚଳ ରାଣା, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଡିଓ କ୍ଷୀରାବ୍ଧି ତନୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଏହି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଖୋର୍ଦ୍ଧା ଜିଲାର ୧୯୦ ପଞ୍ଚାୟତରୁ ୩୫୪୮ ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିବା ବେଳେ ୨୧୮୧ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଥମ



ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ପର୍ଯ୍ୟାୟରେ ୧୭୫୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଗରିବ ଲୋକଙ୍କ ପକ୍କାଘର ଆଶା ପୂରଣ ହେବା ସହ ବିକଶିତ ହେବ ଓଡ଼ିଶା ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। **ବାଲୁଗାଁ (ସଂଗ୍ରାମ ପାଇକରାୟ):** ଚିଲିକା ବିଡିଓ ପୁନମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ଲକ ଅଧୀନ ୧୭ପଞ୍ଚାୟତରୁ ମୋଟ୍ ୧୧୨ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା, ଉପାଧକ୍ଷ ଅରୁଣ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। **ଟାଙ୍ଗୀ (ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ୩୨୧ଜଣ ହିତାଧିକାରୀଙ୍କୁ ଗୃହ ମଞ୍ଜୁରପତ୍ର ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବିଡିଓ ରୁମାନା ଜାଫ୍ରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। **ବୋଲଗଡ଼ (ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଶରତ ମଲ୍ଲିକଙ୍କ ଅଧକ୍ଷତାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ୧୯୦ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ଭାଜପା ନେତା ପ୍ରକାଶ ବିଜୁଳି, ରବୀନ୍ଦ୍ର ସୁବୁଦ୍ଧି, ଏବିଡିଓ ରତିକାନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। **ଜଟଣୀ (ରବୀନ୍ଦ୍ରନାଥ ମହାକୁଡ):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟାଉନ ହଲ(ସ୍ରଷ୍ଟା) ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବିଭୁତିଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ। ଜଟଣୀ ବ୍ଲକର ୧୫ ପଞ୍ଚାୟତରୁ ଯୋଗ୍ୟ ବିବେଚିତ ୧୮୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୨୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ମନୋଜ କୁମାର ନନ୍ଦଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। **ବେଗୁନିଆ (ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧକ୍ଷତାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ବକ୍ତା, ବିଡିଓ ଲକ୍ଷ୍ମୀଧର ସାହୁ, ପ୍ରକାଶ ବିଜୁଳି, ଉପାଧକ୍ଷ ସାବିତ୍ରୀ ମହାପାତ୍ର, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନାରେ ସାମିଲ ହୋଇଥିବା ୨୦୫ଜଣଙ୍କ ମଧ୍ୟରୁ ୧୭୦ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି।

# ରଥରେ ସଂଯୋଗ ହେଲା ନାହାକା



ନିରାକାରପୁର,୩୦।୩(ମାନସ ଚନ୍ଦ୍ର ପଟ୍ଟନାୟକ)

### ଅଶୋକାଷ୍ଟମୀ ବିଜୟା ରଥଯାତ୍ରା

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ରବିବାର ମୁଖ୍ୟ ପୂଜକ ଧ୍ରୁବକିଶୋର ମହାପାତ୍ର ପୂଜାର୍ଚ୍ଚନା କରିବା ପରେ ବିଧିଅନୁସାରେ ନାହାକା ସଂଯୋଗ କରାଯାଇଛି। ସେହିପରି ଏହି ରଥଯାତ୍ରା ନିମନ୍ତେ ଆରେଡି ଗ୍ରାମର ଇଷ୍ଟଦେବ ତଥା କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କ ପାଖକୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ପାରମ୍ପରିକ ରୀତିରେ ନିମନ୍ତ୍ରଣ ପଠାଯାଇଥିବା ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ କହିଛନ୍ତି। ସେହିପରି ରଥ ନିର୍ମାଣ ଦାୟିତ୍ୱରେ ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମର ଦୁର୍ଯ୍ୟୋଧନ ମହାରଣା ରହିଛନ୍ତି।

# ଦୋକାନରୁ ଚୋରି ଘଟଣାରେ ୨ ଗିରଫ

ଜଟଣୀ, ୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ସ୍ଥାନୀୟ ହରିଭାଇନା ଛକସ୍ଥିତ ଏକ ଓମଫେଡ୍ ଦୋକାନର ତାଲା ଭାଙ୍ଗି ୩ହଜାର ଟଙ୍କା, ମୋବାଇଲ ଏବଂ ସାମଗ୍ରୀ ଚୋରି କରିବା ଘଟଣାରେ ଜଟଣୀ ଥାନା ପୋଲିସ ରବିବାର ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବଛରାପାଟଣା ଅଞ୍ଚଳର ବିଭୂତି ଦାସ ଓରଫ ଅନନ୍ତ ଏବଂ ଜଗନ୍ନାଥ ବାରିକ ଓରଫ ରାଜା। ଏମାନଙ୍କ ଠାରୁ ୩ହଜାର ଟଙ୍କା ଏବଂ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୬/୨୫)ରୁଜୁ ହୋଇଛି। ଅଭିଯୁକ୍ତ ଅନନ୍ତଙ୍କ ନାମରେ ଜଟଣୀ ଥାନା ଓ ଖଣ୍ଡଗିରି ଥାନାରେ ୭ ଟି ମାମଲା ରହିଥିବା ବେଳେ ରାଜାଙ୍କ ନାମରେ ଜଟଣୀ ଏବଂ ଭରତପୁର ଥାନାରେ ୩ଟି ମାମଲା ରହିଥିବା ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ସୂଚନା ଦେଇଛନ୍ତି।


ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଳାଇ ଏବଂ ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ବ୍ରହ୍ମଚାରିଣୀ ବେଶ। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼/ମାନସ ଚନ୍ଦ୍ର ପଟ୍ଟନାୟକ)

# ଖଣିରେ ଚଢ଼ାଉ: ୭ ଗାଡ଼ି ଜବତ, ୨ ଗିରଫ

ବେଗୁନିଆ,୩୦।୩(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଥିବା ବେଆଇନ ଖଣିରେ ଶନିବାର ରାତିରେ ଚଢ଼ାଉ କରାଯାଇଛି। ୭ଟି ଗାଡ଼ି ଜବତ କରାଯାଇଥିବା ବେଳେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋଡ଼ିପାଟଣା ଗ୍ରାମର ପ୍ରକାଶ ଦଳେଇ ଏବଂ ଗଡମାଣତୀର ଗ୍ରାମର ପରମାନନ୍ଦ ମଙ୍ଗରାଜ। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଏନେଇ ବେଗୁନିଆ ଥାନାରେ ଏକ ମାମଲା (ନଂ.୧୧୦/୨୫) ରୁଜୁ ହୋଇଛି। ସୂଚନା ମୁତାବକ, ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଏକ ଟିମ୍ ଗଠନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଅମ୍ରିତ ପାଲ ସିଂଙ୍କ ଅଧକ୍ଷତାରେ ୭ ଜଣିଆ ସ୍ପେଶାଲ ସ୍କ୍ୱାଡ୍ ଏବଂ ବେଗୁନିଆ ଥାନା କର୍ମଚାରୀମାନେ ମିଳିତଭାବେ ଚଢ଼ାଉ କରିଥିଲେ। ବାଲିବେରେଣୀ ମୌଜାରେ ଥିବା ବେଆଇନ ଖଣିରେ ଚଢ଼ାଉ ବେଳେ ୨ ଜଣଙ୍କୁ ଗିରଫ କରାଯାଇଥିଲା। ବେଆଇନ ଖନନରେ ବ୍ୟବହୃତ ୩ଟି ପାୱାର ଟ୍ରିଲର, ଗୋଟିଏ ମାଙ୍କଡା ବୋଝେଇ ମିନି ଟ୍ରକ, ଗୋଟିଏ ଟ୍ରକ ଏବଂ ୨ଟି ବାଇକ୍ ଜବତ କରାଯାଇଛି। ବେଗୁନିଆ ଥାନା ଏସ୍‌ଆଇ ପ୍ରଦିପ୍ତା ରାଉତରାୟ ମାମଲାର ଦାୟିତ୍ୱ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ମହାବୀର ଦେବ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଲଗଡ଼,୩୦।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ଗ୍ରାମ ଅଧିବାସୀଙ୍କ ସହଯୋଗରେ ମହାବୀରଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ନାରାୟଣୀପଡ଼ା ସ୍କୁଲ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଶରଣକୁଳର ଲଡୁକେଶ ଆଥଲେଟିକ ଓ କୁହୁଡ଼ିର ମହାବୀର ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ଟାଇବ୍ରେକରରେ ମହାବୀର ସ୍ପୋର୍ଟିଂ ବିଜୟୀ ହୋଇଛି। ରେଫରିଭାବେ ମଣ୍ଟୁ ମିଶ୍ର, ବୈକୁଣ୍ଠ ମହାପାତ୍ର, ମନୋରଞ୍ଜନ ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବେ ବିଦ୍ୟାଧର ରାଉତରାୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଉପାଧକ୍ଷ ରମେଶ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ, ସାନପଦର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ପୂର୍ବତନ ସରପଞ୍ଚ ବ୍ରଜରାଜ ରାଉତ, ସମବାୟ ସମିତି ସଭାପତି ବିଜୟ ନାୟକ, ଅଜୟ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# କୃଷ୍ଣପ୍ରସାଦରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

କୃଷ୍ଣପ୍ରସାଦ,୩୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥିଭାବେ ସମାଜସେବୀ ଉତ୍ତମ ତରେଇ ଯୋଗଦେଇଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡା, ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ତୀର୍ଥ ତଥାଗତ ଆଇଚ, ହରିହର ଦାଶଙ୍କ ସମତେ ଅନ୍ୟମାନେ ଯୋଗଦେଇଥିଲେ।

# ପୂର୍ଣ୍ଣ ସମର୍ପଣ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍ଏସ୍) ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ଭାରତୀୟ ନବବର୍ଷ ଉତ୍ସବ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂସେବକ ମାନେ ପୂର୍ଣ୍ଣଗଣବେଶ ପରିଧାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଦ୍ୟ ସରସଂଘଚାଳକ ପ୍ରଣାମ ଦେଇଥିଲେ। ଜିଲା ସଂଘଚାଳକ ନିରଞ୍ଜନ ସାହୁ, ନଗର ସଂଘଚାଳକ କିଶୋର ଚନ୍ଦ୍ର ବରାଳ ଅତିଥିଭାବେ ଯୋଗଦେଇଥିଲେ। ଧ୍ୱଜବନ୍ଦନା ପରେ ଜିଲା ସଂଘଚାଳକ ସାହୁ ରାଷ୍ଟ୍ରୀୟ ନବବର୍ଷ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଦର୍ଶ ପରିବାର, ପର୍ଯ୍ୟାବରଣ ସୁରକ୍ଷା, ସେବା ଓ ସମର୍ପଣ, ସାମାଜିକ ସମରସତା, ଦେଶ ପ୍ରତି ନାଗରିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ କହିଥିଲେ। ରାଷ୍ଟ୍ରର ସମୂହ ସ୍ୱାର୍ଥ ପାଇଁ ଏକ ପୂର୍ଣ୍ଣ ସମର୍ପିତ ଭାବରେ ଆଗକୁ ବଢିବାକୁ ଆହ୍ୱାନ ଦେଇଥିଲେ। ସେହିପରି ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ଗୀତାଭବନ ପଡିଆରେ ନବବର୍ଷ ପାଳନ ହୋଇଥିଲା। ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ, ଆରଏସ୍‌ଏସ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୋବଂଶର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

### ଶ୍ରୀରାମକୃଷ୍ଣ ଗୋଶାଳାର ୫ମ ବାର୍ଷିକୋତ୍ସବ

ରାଷ୍ଟ୍ରୀୟ ନବବର୍ଷ ଅବସରରେ ଖୋର୍ଦ୍ଧା ବ୍ଲକ ପୁତୁସାହିଠାରେ ଶ୍ରୀରାମକୃଷ୍ଣ ଗୋସେବା କେନ୍ଦ୍ର(ଟ୍ରଷ୍ଟ) ଆନୁକୂଲ୍ୟରେ ଚାଲିଥିବା ଶ୍ରୀରାମକୃଷ୍ଣ ଗୋଶାଳା ୫ମ ବାର୍ଷିକୋତ୍ସବ, ଗୋପୂଜନ ଓ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ ଓ ତାଙ୍କ ସହଧର୍ମିଣୀ ହୋମଯଜ୍ଞରେ କର୍ତ୍ତାଭାବେ ଯୋଗଦେଇ ନୂତନ ବାଛୁରି ନାମକରଣ ରେବତୀ ବୋଲି କରିଥିଲେ। ଏହି ଅବସରରେ ଅତିଥି, ଗୋଭକ୍ତମାନେ ଏକାଠି ଗୋମାତାର ଆଳତି, ପୂଜାର୍ଚ୍ଚନା କରିଥିଲେ। ଗୋସେବା ଟ୍ରଷ୍ଟର ସଭାପତି ବିକାଶ ସ୍ୱାଇଁ କୁହନ୍ତି, ୫ବର୍ଷ ହେବ ଏହି କାର୍ଯ୍ୟ ଜାରି ରହିଛି। ଗୋଶାଳାରେ ୬୦ରୁ ଉର୍ଦ୍ଧ୍ୱ ରାସ୍ତାକଡ଼ରୁ ଉଦ୍ଧାର ହୋଇଥିବା ଗୋରୁଗାଈଙ୍କ ସେବା ଚାଲିଛି। ସେହିପରି ଗୋଭକ୍ତ ଉଦିତ ନାରାୟଣ କୁହନ୍ତି, ଗୋମାତାଙ୍କ ଉପଯୁକ୍ତ ସେବା ଲାଳନପାଳନ କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ। ଗୋସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ଗୋଶାଳା ଆରମ୍ଭ ହୋଇଛି। ଆଗକୁ ଗୋଭକ୍ତ, ଚାଷୀଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ। ବିଏଚ୍‌ପିର ପ୍ରଖଣ୍ଡ ସମ୍ପାଦକ ଗୋପବନ୍ଧୁ ସାହୁ କୁହନ୍ତି, ଭାରତୀୟ ଗୋବଂଶ ହେଉଛନ୍ତି ସଂସ୍କୃତିର ପ୍ରତୀକ। ଗୋବଂଶର ସମୃଦ୍ଧି, ବିକାଶ ସମ୍ବର୍ଦ୍ଧନାରେ ଦେଶର ବିକାଶ ନିର୍ଭର। ଗ୍ରାମୀଣ ସଂସ୍କୃତିର ଆଧାର ହେଉଛି ଭାରତୀୟ ଗୋବଂଶ। ଏହାର ବିକାଶ, ସୁରକ୍ଷା ସମସ୍ତଙ୍କ ଉତ୍ତର ଦାୟିତ୍ୱ। ଭାଜପା ଜିଲା ସଭାପତି ବିଶ୍ୱଭୂଷଣ ବଡ଼ଜେନା ଅତିଥିଭାବେ ଯୋଗଦେଇ ଗୋଶାଳା ପରିଦର୍ଶନ ସହ ଏହାର ଉତ୍ତରୋତ୍ତର କାମନା କରିଥିଲେ।

# ଶପଥ ନେଲେ ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା

ଜଟଣୀ, ୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଓକିଲ ସଂଘ ନିର୍ବାଚନରେ ନିର୍ବାଚିତ କର୍ମକର୍ତ୍ତା ରବିବାର ଶପଥ ନେଇଛନ୍ତି। ନିର୍ବାଚନ ଅଧିକାରୀ ଅଧିବକ୍ତା ଅର୍ଜୁନ ଚରଣ ସାମନ୍ତରାୟ ଶପଥ ପାଠ କରାଇଥିଲେ। ସଭାପତି ଭାବେ ସୁଶୀଲ କୁମାର ମହାନ୍ତି, ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ, ଉପସଭାପତି ଆଶୁତୋଷ ରାୟ, ଯୁଗ୍ମ ସମ୍ପାଦକ ରିତେଶ ଶର୍ମା, ସହସମ୍ପାଦକ ଆଶିଷ ମହାପାତ୍ର, କୋଷାଧକ୍ଷ ଜଟାଧାରୀ ପ୍ରଧାନ, ପାଠାଗାର ସମ୍ପାଦକ ପ୍ରଭୁରାମ ପାତ୍ର ପ୍ରମୁଖ ଶପଥ ନେଇଥିଲେ। ସମାଜର ସବୁବର୍ଗର ଲୋକଙ୍କୁ ଉଚିତ ନ୍ୟାୟିକ ସେବା ପ୍ରଦାନ ସହିତ ଏକ ସୁସ୍ଥ ଓ ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବା ଦିଗରେ କାର୍ଯ୍ୟକରିବେ ବୋଲି ନିର୍ବାଚିତ କର୍ମକର୍ତ୍ତାମାନେ କହିଛନ୍ତି। ଶେଷରେ ଉପସ୍ଥିତ ଅଧିବକ୍ତା ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ।

# ଫୁଟ୍‌ବଲ: ଏ.ଜେ. କ୍ଲବ ପାଇକଟିଗିରିଆ ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ବେଗୁନିଆ,୩୦।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋଠାରେ ଚାଲିଥିବା ପ୍ରଥମ ବାର୍ଷିକ ରାଇଜିଂ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସ୍ପୋର୍ଟ୍ସ ଇଲେଭେନ ବୋଲଗଡ ଏବଂ ଏ.ଜେ.କ୍ଲବ ପାଇକଟିଗିରିଆ ମଧ୍ୟରେ ହୋଇଥିଲା। ଏଥିରେ ୧-୦ଗୋଲରେ ଏ.ଜେ. କ୍ଲବ ପାଇକଟିଗିରିଆ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏମ୍.ଏଚ୍ ବେଗ, ଶରତ ଚନ୍ଦ୍ର ଛୋଟରାୟ ଏବଂ ଚିତ୍ତରଞ୍ଜନ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ଚାମ୍ପିୟନ ଟିମ୍‌କୁ ୩ହଜାର ଟଙ୍କା ଓ କପ୍ ପ୍ରଦାନ କରାଯାଇଛି। ସେହିପରି ରନର୍ସଅପ୍ ଟିମ୍‌କୁ କପ ସହିତ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ମନ୍ମଥ ରାଉତରାୟ, ଅରବିନ୍ଦ ରାୟ, ଗୋବନ୍ଦ ଚନ୍ଦ୍ର ମଙ୍ଗରାଜ, ସତ୍ୟରଞ୍ଜନ ମହାପାତ୍ର, ଅଞ୍ଜଳି ସାହୁ, ସୁକାନ୍ତ ସାମନ୍ତରାୟ, ରବିନାରାୟଣ ଚମ୍ପତି, କୈଳାସ ଚନ୍ଦ୍ର ମାଣ୍ଡୋଇ, ପ୍ରମୋଦ ମହାପାତ୍ର, ସାଧୁ ଚରଣ ଚମ୍ପତି, ସୁବାଷ ଚନ୍ଦ୍ର ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଗ୍ରାମର କେତେଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଜ୍ୟସ୍ତରୀୟ କବି ଓ ସାହିତ୍ୟିକ ସମ୍ମିଳନୀ

ବାଣପୁର,୩୦।୩(ଦିଲୀପ କୁମାର ସ୍ୱାଇଁ)

ବାଣପୁରର ଶର୍ମି କାବ୍ୟ ଲେଖା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବି ଓ ସାହିତ୍ୟିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦିକା ଶର୍ମିଷ୍ଠା ପଲାଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଶଶଧର ପଣ୍ଡା, ଉଦ୍‌ଘାଟକ ଭାବେ ଓଡ଼ିଆ ଭାଷାର ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ହରିହର କାନୁନଗୋ, ସମ୍ମାନିତ ଅତିଥିଭାବେ ଭିକାରୀ ଚରଣ ପ୍ରଧାନ, ଗୌରଚନ୍ଦ୍ର ମହାପାତ୍ର, ରବୀନ୍ଦ୍ରନାଥ ମାନସିଂହ, ପ୍ରଣବ ଛୋଟରାୟ, ସମ୍ପଦ ରଥ, ନିଖିଳେଶ ମହାନ୍ତି, ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା ଓ କବିତା ପୁସ୍ତକ ନୀରବ ମୂର୍ଚ୍ଛନା ଉନ୍ମୋଚନ ହୋଇଥିଲା। ପରେ ବହୁ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଜ ମୁକୁନ୍ଦ ଦାସ ଉତ୍ସବରେ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମର ଗୋଲକ ବିହାରୀ ପରିଡ଼ା, ରାମଚନ୍ଦ୍ର କର, ମାଧବ ଚନ୍ଦ୍ର ପଲେଇ ପ୍ରମୁଖଙ୍କୁ ସତନ୍ତ୍ରଭାବେ ସମ୍ମାନିତ କରାଯାଇଥିଲା।

# ଗଙ୍ଗପଡ଼ାକୁ ହରାଇ ଯଦୁପୁର ଚାମ୍ପିୟନ

ଝାଁଳା,୩୦।୩(ବୁଲା ବାରିକ)



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଭାତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ଯଦୁପୁର ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ ଗଙ୍ଗପଡ଼ା ଏବଂ ଯଦୁପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୯୧ରନ ସଂଗ୍ରହ କରିଥିଲା। ଜବାବରେ ଯଦୁପୁର ଟିମ୍ ୧୭.୫ ଓଭରରେ ୯ଉଇକେଟ ବିନିମୟରେ ୧୯୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଶିଷ କୁମାର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ବିରଜା ପ୍ରସାଦ ସାମନ୍ତରାୟ ଏବଂ ପ୍ରଭାତ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ କମଳାକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ନାଟକର ଅନ୍ତୁଡ଼ିଶାଳ ଖୋର୍ଦ୍ଧା

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସାହିତ୍ୟ ସାଂସଦ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସରେ ଏକ କର୍ମଶାଳା ସଂସଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ବିଶ୍ୱ ନାଟକ ଦିବସ ବିଶ୍ଳେଷଣ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ ନାଟ୍ୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସ୍ୱାଗତ ମହାନ୍ତି ଗ୍ରୀସ୍ ନାଟ୍ୟରଥି ଥିଓଡରସଙ୍କ ବିଶ୍ୱନାଟ୍ୟ ଦିବସ-୨୦୨୫ର ବାର୍ତ୍ତା ପଠନ କରିଥିଲେ। ସଂସଦ ସଭାପତି ଦାସ କହିଥିଲେ, ଦୁଇ ହଜାର ବର୍ଷ ତଳେ ଭୁବନେଶ୍ୱରସ୍ଥିତ ସମ୍ରାଟ ଖାରବେଳଙ୍କ ନିର୍ମିତ ରାଣୀଗୁମ୍ଫା ରଙ୍ଗମଞ୍ଚରେ ନାଟକ ଓ ନୃତ୍ୟ ପରିବେଷିତ ହେଉଥିଲା ବୋଲି ଧିରେନ ଦାସଙ୍କ ସମେତ ବହୁ ଜାତୀୟସ୍ତରୀୟ ଗବେଷକ ନିର୍ଣ୍ଣୟ କରିଛନ୍ତି। ଦ୍ୱାଦଶ ଶତାବ୍ଦୀରେ ଜୟଦେବଙ୍କ ଗୀତଗୋବିନ୍ଦ ଭାରତୀୟ ନୃତ୍ୟ ସଙ୍ଗୀତ ଚିତ୍ରକଳାକୁ ପରିପୁଷ୍ଟ କରିଛି। ପଞ୍ଚଦଶ ଶତାବ୍ଦୀରେ ଖୋର୍ଦ୍ଧା ନୂଆବସସ୍ଥାଣ୍ଡ ସନ୍ନିକଟ ପାନବରଜ ଗ୍ରାମରେ ପୁରୁଷୋତ୍ତମ ଦାସଙ୍କ ପ୍ରଥମ ଓଡ଼ିଆ ଓ ବଙ୍ଗଳା କାବ୍ୟ ନାଟକ ଓ ଚଳଚ୍ଚିତ୍ର ରୂପାୟିତ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀରେ ରଚିତ ଅନଙ୍ଗ ନରେନ୍ଦ୍ରଙ୍କ ରାମଲୀଳା, ପିଣ୍ଡିକି ଶ୍ରୀଚନ୍ଦନଙ୍କ ବସନ୍ତରାସ, ଗୀତିକବି ଗୌରଚରଣ ଅଧିକାରୀଙ୍କ କୃଷ୍ଣଲୀଳା ଓଡ଼ିଆ ଲୋକ ନାଟକର ଅମୂଲ୍ୟ ସମ୍ପଦ। ଆଧୁନିକ ଯୁଗରେ କାଳିଚରଣ ପଟ୍ଟନାୟକ (କବିଚନ୍ଦ୍ର) ଖୋର୍ଦ୍ଧା ହାଇଇଂଲିଶ ସ୍କୁଲର ଛାତ୍ର ଥିବା ବେଳେ ତାଙ୍କ ନାଟ୍ୟ ଜୀବନର ଭିତ୍ତିଭୂମି ଏହିଠାରେ ପଡ଼ିଥିଲା ବୋଲି ସେ ଆତ୍ମଜୀବନୀ 'କୁମ୍ଭାରଚକ'ରେ ଉଲ୍ଲେଖ କରିଛନ୍ତି । ଏଥିସହ ନାଟ୍ୟକାର ବ୍ରଜକିଶୋର ନାୟକ, ଲକ୍ଷ୍ମୀଧର ନାୟକ, ହରେକୃଷ୍ଣ ପ୍ରଧାନ, ପ୍ରଫେସର ଜାନକୀବଲ୍ଲଭ ମହାନ୍ତି, ଡ. ନାରାୟଣ ଶତପଥୀ, ନପନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଡା.ଧନେଶ୍ୱର ସାହୁଙ୍କ ସମେତ ଗୀତିକବି ପର୍ଶୁରାମ ପଟ୍ଟନାୟକ, ସୁରେନ୍ଦ୍ରନାଥ ବିଦ୍ୟାଧର, ସୋମନାଥ ରାଜଗୁରୁ, ରମେଶ ଚନ୍ଦ୍ର ମଙ୍ଗରାଜ ପ୍ରଭୃତି ଓଡ଼ିଆ ନାଟ୍ୟ ସଙ୍ଗୀତକୁ ସମୃଦ୍ଧ କରିଛନ୍ତି। ସାମ୍ପ୍ରତିକ ସମୟରେ ଡ.ସୁବୋଧ ପଟ୍ଟନାୟକଙ୍କ ନାଟ୍ୟ ଚେତନା, ଲାଲା ବିରେନ୍ ରାୟଙ୍କ ନିର୍ଦ୍ଦେଶିତ ଆହେ ନୀଳ ଶଇଳ, ଅଭିନେତା ହର ରଥ ଆଦି ଜନାଦୃତ। ଓଡ଼ିଶା ରଙ୍ଗମଞ୍ଚ କ୍ଷେତ୍ରରେ ବାଲୁଗାଁ ସନ୍ନିକଟ ଗ୍ରାମର ସୋମନାଥ ଦାଶଙ୍କ ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀର ଅବଦାନ ଅନନ୍ୟ ବୋଲି କହିଥିଲେ। ବୈକୁଣ୍ଠନାଥ ରାଜଗୁରୁ, ଲକ୍ଷ୍ମୀଧର ବଡ଼ଜେନା, ଡ. ବୃନ୍ଦାବନ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ନାଟକର ଦିଗଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ । ଉପସଭାପତି ଇତିଶ୍ରୀ ସାହୁ ସଭା ସଂଯୋଜନା କରିଥିଲା ବେଳେ ସଂଗଠନ ସମ୍ପାଦକ ବଂଶୀଧର ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାକି ଟଙ୍କା ନ ଦେବାରୁ ଗ୍ରାହକଙ୍କୁ ଅଟକ ରଖି ଆକ୍ରମଣ

**ସେଲ୍ଫ ଡ୍ରାଇଭ୍ ଜୋନ୍ ମାଲିକ ସମେତ ୨ ଗିରଫ**

ଭୁବନେଶ୍ୱର,୩୦।୩(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅଞ୍ଚଳରେ ଥିବା ଏକ ସେଲ୍ଫ ଡ୍ରାଇଭ୍ ଜୋନ୍‌ରୁ ନିୟମିତ ଭଡ଼ାରେ କାର୍ ନେଇ ବାକି ଟଙ୍କା ନ ଦେବାରୁ ଜଣେ ଗ୍ରାହକଙ୍କୁ ବନ୍ଦୀକରି ନିସ୍ଥୁକ ମାଡ଼ ମରାଯାଇଛି। ଏହି ମାମଲାରେ ସେଲ୍ଫ ଡ୍ରାଇଭ୍ ଜୋନ୍ ମାଲିକ ଓ ତାଙ୍କ ଅଫିସ କର୍ମଚାରୀଙ୍କୁ ଭରତପୁର ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମାଲିକ ଭରତପୁର ଅଞ୍ଚଳରେ ରହୁଥିବା ଦୀପକ ମହାରଣା(୨୭) ଓ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ଫେଜ୍-୨ରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ଉତ୍କଳ କେଶରୀ ଖୁଣ୍ଟିଆ (୩୪)। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ଗ୍ରାହକ ହେଲେ ବିହାରୀ ଲାଲ୍ ନାୟକ ଓରଫ ମୁନା। ସେ ଭଡ଼ାରେ କାର୍ ନେଉଥିବା ବେଳେ ୯୦ ହଜାର ବାକି ଟଙ୍କା ଦେବାର ଥିଲା। ତେବେ ୩ରୁ ୪ ମାସ ହେବ ମାଲିକ ଦୀପକ ଟଙ୍କା ମାଗୁଥିବାବେଳେ ମୁନା ଦିନ ଗଡ଼ାଉଥିଲେ। ରବିବାର ମୁନାଙ୍କୁ ଦୀପକ ଅଫିସକୁ ଡାକି ଅଟକ ରଖିବା ସହ କର୍ମଚାରୀ ଉତ୍କଳଙ୍କ ସହ ମିଶି ନିସ୍ଥୁକ ମାଡ଼ ମାରିଥିଲେ।

### ତୃତୀୟଲିଙ୍ଗୀ ୱେଲ୍‌ଫେୟାର ବୋର୍ଡ ଗଠନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ଦେଶରେ ହାତଗଣତି କେତୋଟି ରାଜ୍ୟକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜ୍ୟରେ ତୃତୀୟଲିଙ୍ଗୀ ୱେଲ୍‌ଫେୟାର ବୋର୍ଡ଼ ଗଠନ କରାଯାଇ ନାହିଁ। ଓଡ଼ିଶାରେ ମଧ୍ୟ କିନ୍ନରମାନଙ୍କ ପାଇଁ କୌଣସି ପ୍ରକାର କାର୍ଯ୍ୟକ୍ରମ କରାଯାଇ ନାହିଁ। ତୃତୀୟଲିଙ୍ଗୀଙ୍କ ପାଇଁ ପୂର୍ବ ସରକାର ଏକ ରାଜ୍ୟସ୍ତରୀୟ ପ୍ରତିନିଧି କମିଟି ଗଠନ କରିଥିଲେ। ମାତ୍ର ଏହି କମିଟିରେ କିନ୍ନରଙ୍କ ପାଇଁ କିଛିମାତ୍ରାରେ କାମ ହୋଇଥିବାବେଳେ ପରବର୍ତ୍ତୀ ସମୟରେ କୌଣସି ଉନ୍ନତି ହୋଇପାରି ନାହିଁ। ତେଣୁ ଓଡ଼ିଶାରେ ତୃତୀୟଲିଙ୍ଗୀ ୱେଲ୍‌ଫେୟାର ବୋର୍ଡ଼ ଗଠନ କରିବା ପାଇଁ ଦାବି କରାଯାଇଛି। ଏନେଇ କମିଟିର ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିସହ ସମାନଙ୍କୁ ସ୍ଥାୟୀ ଜମିପଟ୍ଟା ଦେବା, ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ୍ ସହ ଭତ୍ତା ପ୍ରଦାନ କରିବା, ରାଜନୀତି ଓ ଚାକିରି କ୍ଷେତ୍ରରେ ୫% ସ୍ଥାନ ସଂରକ୍ଷଣ କରିବା ଆଦି ୫ଦଫା ସମ୍ପର୍କରେ ଚିଠିରେ ଉଲ୍ଲେଖ ରହିଛି।

## ଅପରାହ୍ନ ୩ଟା ୩୦ରେ ରଥଟଣା

**୫ରେ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା**

ପୁରୁଣା ଭୁବନେଶ୍ୱର,୩୦।୩(ସୁବାସ ଚନ୍ଦ୍ର ପ୍ରଧାନ)



ଆସନ୍ତା ୫ ତାରିଖ ଅଶୋକାଷ୍ଟମୀରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଅଶୋକାଷ୍ଟମୀରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ତଥା ରୁକୁଣା ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ପରିଚାଳନା ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। ଏନେଇ ମନ୍ଦିର ଏବଂ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ବୈଠକ ଅନୁଷ୍ଠିତ ହୋଇଛି। ତେବେ ସେବାୟତଙ୍କୁ ମନେଇବା ଏବଂ ନୀତିକାନ୍ତି ସମ୍ପର୍କରେ ପୂର୍ଣ୍ଣାଙ୍ଗ ଚିଠା ଦର୍ଶାଇବା ପାଇଁ ରବିବାର ଦୁଇଟି ବୈଠକ ହୋଇଥିଲା। ପ୍ରଥମଟି ପୂଜାପଣ୍ଡା, ମହାସୁଆର ଏବଂ ବଡୁ ନିଯୋଗର ସମର୍ଥାଙ୍କୁ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟଟି ରଥ ପ୍ରତିଷ୍ଠାରେ ପ୍ରମୁଖ କାର୍ଯ୍ୟନିର୍ବାହ କରୁଥିବା କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ସେବାୟତଙ୍କୁ ଡାକି ବୈଠକ କରାଯାଇଥିଲା। ଉଭୟ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଡିଏମ୍ ରୁଦ୍ର ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରା ଦିନ ଭୋର ୫ରୁ ୫ଟା ୩୦ ମଧ୍ୟରେ ମଙ୍ଗଳ ଆଳତି ଓ ଅବକାଶ କରାଯାଇ ଦର୍ଶନ, ରୋଷହୋମ, ଭୋଗ ମଣ୍ଡପ ଓ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ୧୨ଟାରୁ ୧୨ଟା୩୦ ମଧ୍ୟରେ ଯାତ୍ରା ପୂଜା ପରେ ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ୧ଟା ୩୦ରୁ ୩ଟା ୩୦ ମଧ୍ୟରେ ରଥରେ ପୂଜା କରାଯାଇ ୩ଟା ୩୦ରେ ରଥଟଣା ହେବ ବୋଲି ନିଷ୍ପତ୍ତି ହୋଇଛି।

ରଥଯାତ୍ରାରେ ରଥଟଣା ପାଇଁ ରଥଦାଣ୍ଡ ଏବେ ସଙ୍କୁଚିତ ହୋଇପଡ଼ିଛି। ରଥଦାଣ୍ଡର ଉଭୟ ପାର୍ଶ୍ୱରେ ବହୁ ବ୍ୟବସାୟିକ ଅନୁଷ୍ଠାନ ଗଢ଼ିଉଠିଛି। ଫଳରେ ପ୍ରତିବର୍ଷ ରଥକୁ ଠିକ୍ ଭାବେ ଟଣା ନ ଗଲେ ଘର ଆଡ଼କୁ ମାଡ଼ିଯାଏ। ଫଳରେ ରଥ ଟଣାରେ ଗୁରୁତ୍ୱପୂର୍ଣ୍ଣ ନିର୍ବାହ କରୁଥିବା ଖରଡ଼ା ସେବାୟତ ଅତୀତରେ ଆହତ ହୋଇଥିବା ନଜିର ରହିଛି। ରଥଦାଣ୍ଡର ଉଭୟ ପାର୍ଶ୍ୱରେ ଜବରଦଖଲକାରୀଙ୍କ ଅଜବେଷ୍ଟସ ବାହାର କରାଯିବ ବୋଲି ଜଣାପଡ଼ିଛି। ସୂଚନାଥାଉକି, ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାରରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ପାର୍କିଂ ସମସ୍ୟାକୁ ନେଇ ହାଇକୋର୍ଟଙ୍କ ନିକଟରେ (ନଂ.୭୫୮୪/୨୦୨୫) ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ରଥ ପ୍ରତିଷ୍ଠା କାର୍ଯ୍ୟ ସଅଳ କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। କାରଣ ବିଳମ୍ବିତ ରାତିରେ ପ୍ରତ୍ୟେକ ବର୍ଷ ମରିଚି କୁଣ୍ଡରୁ ପାଣି ଆସିବା ପରେ ରଥ ପ୍ରତିଷ୍ଠା ହୋଇଥାଏ। ଯେଉଁ କାରଣରୁ ଶ୍ରୀଜିଉଙ୍କ ଅନ୍ୟ ନୀତି କାର୍ଯ୍ୟ ବିଳମ୍ବରେ ଅନୁଷ୍ଠିତ ହୋଇଥାଏ। ଯାହା ରଥଟଣାରେ ବିଳମ୍ବ କରିଥାଏ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ସଅଳ କରାଯିବା ପାଇଁ ସ୍ଥିର କରାଯାଇଛି। ପୁରୀର ରାଜଗୁରୁ ଏବଂ ମନ୍ଦିର କୁଳ ପୁରୋହିତ ଏହି ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିବେ ବୋଲି ଜଣାପଡ଼ିଛି।

## ୨୬୯୫ କୋଟି ରେଳପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଭୁବନେଶ୍ୱର,୩୦।୩ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡ଼ ବିଳାଶପୁରରେ ୪ଟି ପ୍ରମୁଖ ରେଳପ୍ରକଳ୍ପ ସହ ୭ ରେଳପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୬୯୫ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ଏସବୁ ରେଳପ୍ରକଳ୍ପ ସହ ଅଭାନପୁର ଓ ରାଏପୁର ମଧ୍ୟରେ ମେମୁ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ରେଳପ୍ରକଳ୍ପ ରାଜ୍ୟରେ ଯାତ୍ରୀ ଚଳାଚଳକୁ ସୁଗମ କରିବା ସହ ମାଲ ପରିବହନକୁ ମଧ୍ୟ ତ୍ୱରାନ୍ୱିତ କରିବ। ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ୭ ରେଳ ପ୍ରକଳ୍ପ ମଧ୍ୟରେ ୮୦ କୋଟିର ଖରସିଆ-ଝରାଡିହ ପ୍ରକଳ୍ପ, ୧୬୮ କୋଟିର ସର୍ଗବୁନ୍ଦିଆ-ମଦୱାରାନୀ ପ୍ରକଳ୍ପ, ଦାଢ଼ପରା-ଭିଲାଇ-ଦାଗୋରୀ, ୩୪୭ କୋଟିର ନିପାଣିଆ-ଭାଟପଡ଼ା-ହାଟବନ୍ଧ, ୨୩୩ କୋଟିର ଭିଲାଇ-ଭିଲାଇ ନଗର-ଦୁର୍ଗଲିଙ୍କ, ୩୨୮ କୋଟିର ରାଜନନ୍ଦଗାଁ-ଡୋଙ୍ଗାରଗଡ଼ ଓ ୯୫ କୋଟିର କାର୍ଗି ରୋଡ୍-ସାଲକା ରୋଡ୍ ପ୍ରକଳ୍ପ ରହିଛି। ଆୟୋଜିତ କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ରାମେନ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ, ରାଷ୍ଟ୍ରମନ୍ତ୍ରୀ ତୋଖାନ୍ ସାହୁ, ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଏବଂ ବିଜୟ ଶର୍ମାଙ୍କ ସମେତ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆକର୍ଷଣ ସାଜିଲା ୧୨ ଡିଜାଇନରଙ୍କ ପୋଷାକ



ଆଡିକ୍ୱନ ଫ୍ୟାଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ଭୁବନେଶ୍ୱର ରନ୍‌ୱେ ୱିକ୍ ସିଜନ୍‌ର ୧୨ତମ ସଂସ୍କରଣରେ ଫ୍ୟାଶନ ଡିଜାଇନରମାନେ ନିଜ ଡିଜାଇନ୍ ସହ ର୍ୟାମ୍ପରେ ଚାଲୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୩୦।୩
(ସୌମ୍ୟରଞ୍ଜନ ରାଉତ)

**ଭୁବନେଶ୍ୱର ରନ୍‌ୱେ ୱିକ ସିଜନର ୧୨ତମ ସଂସ୍କରଣ**

ଆଡିକ୍ୱନ ଫ୍ୟାଶନ ମ୍ୟାନେଜମେଣ୍ଟ ପକ୍ଷରୁ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ୧୨ତମ ସଂସ୍କରଣ ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଫ୍ୟାଶନ ଶୋ'ରେ ୧୨ ଡିଜାଇନର ଭଳିକିଭଳି ଡିଜାଇନ ସହ ର୍ୟାମ୍ପରେ ଚାଲିଥିଲେ। ଡିଜାଇନର ମୌହିତ୍ କୁମାର ସାଚଦେବ ବ୍ରାଣ୍ଡର କକ୍‌ଟେଲ ଡ୍ରେସ୍‌ଠାରୁ ଆରମ୍ଭ କରି ବିସ୍ତୃତ ବେସ୍ପୋକ ଗାଉନ, ଚିକ୍ ପୋଷାକ ପିନ୍ଧି ଜଲ୍‌ୱା ଦେଖାଇଥିଲେ। ଅର୍ପିତା ସାମଲ ଲେବେଲ୍ ସୁରିୟଲ୍ ବ୍ରାଣ୍ଡର ଛୋଟ ପିଲାଙ୍କ ପାଇଁ ହାଲୁକା କପଡା ଏବଂ ସୁନ୍ଦର ଗ୍ରୀଷ୍ମକାଳୀନ ବିବାହ ପୋଷାକ ପିନ୍ଧିଥିଲେ। ଏନ୍‌ଆଇଏଫ୍ ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ପ୍ରଦର୍ଶିତ ହୋଇଥିବା ଡିଜାଇନ୍‌ରେ ଧାତୁମୟ ଚମକ, ଚମକଦାର କପଡ଼ା ଏବଂ ସଂରଚିତ ସିଲୁଏଟ୍‌ର ଛାପ ଦେଖିବାକୁ ମିଳିଥିଲା। ମହିଳାଙ୍କ ପାଇଁ ଡିଜାଇନ ହୋଇଥିବା ସେଲେଷ୍ଟିୟାଲ ଗ୍ଲିମ୍ କକ୍‌ଟେଲ ପୋଷାକ ଆକର୍ଷଣୀୟ ଥିଲା। ଇରାନୀ ମିତ୍ର ବ୍ରାଣ୍ଡର ଇରାନୀ ମିତ୍ରଙ୍କ ଡିଜାଇନରେ ରାଜକୀୟ ସିଲୁଏଟ୍ ସଂଗ୍ରହ, ଆଧୁନିକ ବଧୂଙ୍କ ପସାପାଲି ବେଶ୍ ଚମକଦାର ଥିଲା। ତାଙ୍କ ଡିଜାଇନର ଉତ୍କୃଷ୍ଟ ଗାଉନ, ରିସର୍ଟ ପୋଷାକରେ ଭାରତୀୟ ଛାପ ଦେଖିବାକୁ ମିଳିଥିଲା। ଭିକା ବ୍ରାଣ୍ଡର ଅରବିନ୍ଦ ଆମପୁଲ୍ଲା ଭାରତୀୟ କାଞ୍ଜିଭରମ, ପୈଠାଣୀ, ବନାରସୀ, କୋଟା, ଉପଡା, ଖଦି ଏବଂ ମସଲିନ ଭଳି ପାରମ୍ପରିକ ପୋଷାକ ପ୍ରଦର୍ଶନ କରିଥିଲେ। ସେହିପରି ୱାଓମାନିଆ ହ୍ୟାଣ୍ଡଲୁମ୍‌ର ଡିଜାଇନର ଏକତା ଆଗୌରିଙ୍କ ଆଧୁନିକ ସୌନ୍ଦର୍ଯ୍ୟ ସହିତ ପରମ୍ପରାକୁ ନିରନ୍ତର ଭାବରେ ମିଶ୍ରଣ କରୁଥିବା ହସ୍ତତନ୍ତ ରେଶମ ଡିଜାଇନ ସମସ୍ତଙ୍କୁ ଆକର୍ଷିତ କରିଥିଲା। ହରିଶ ଅକିସେଟ୍ଟୀ ବ୍ରାଣ୍ଡର ଡିଜାଇନର ହରିଶ ଅକିସେଟ୍ଟୀଙ୍କ ଜଟିଳ କାରୁକାର୍ଯ୍ୟ ଏବଂ ସ୍ପନ୍ଦନଶୀଳ ରଙ୍ଗ ପ୍ୟାଲେଟରେ ଗ୍ଲାମରର ସ୍ପର୍ଶ ରହିଥିଲା। ରାମ୍ପରେ ତାଙ୍କର ଜଟିଳ ଡିଜାଇନ ସହିତ ରୁପା ଏବଂ ସୁନାର ଚମକ ଦେଖିବାକୁ ମିଳିଥିଲା। ଭୋଗି କଉଚର ବ୍ରାଣ୍ଡର ସୌମ୍ୟା ସାଲିନୀଙ୍କ ଡିଜାଇନ ଓ ଶେଷରେ ଦୁହିତା ମାନବଙ୍କ ଡିଜାଇନ ବେଶ୍ ଆକର୍ଷଣୀୟ ଥିଲା।

**ସ୍ୱୟଂ ସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ**

### ହିନ୍ଦୁଧର୍ମ ଏକ ବୈଜ୍ଞାନିକ ସାମାଜିକ ବ୍ୟବସ୍ଥା

ଭୁବନେଶ୍ୱର,୩୦।୩
(ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡଗିରି ଭାଗ ପକ୍ଷରୁ ରବିବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ହୋଇଯାଇଛି। ଉତ୍ସବରେ ୫ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସେବକ ଶାରୀରିକ ବ୍ୟାୟାମ, ଯୋଗ ଆଦି ପ୍ରଦର୍ଶନ ପରେ ରୁଟ୍ ମାର୍ଚ୍ଚ କରି ଖଣ୍ଡଗିରି ଅଞ୍ଚଳ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଆଲୋକ ଚନ୍ଦ୍ର ମହାନ୍ତି ଯୋଗଦେଇ ସନାତନ ଧର୍ମ ସୁରକ୍ଷା ପାଇଁ ସଂଘର ପ୍ରୟାସକୁ ପ୍ରଶଂସା କରି କହିଲେ, ହିନ୍ଦୁ ଧର୍ମ ଏକ ବୈଜ୍ଞାନିକ ସାମାଜିକ ବ୍ୟବସ୍ଥା। ହିନ୍ଦୁ ଏକ ପ୍ରାଚୀନ ପରିପୂର୍ଣ୍ଣ ବିକଶିତ ସଭ୍ୟତା। ମାନବ ସେବା ଏବଂ ବିଶ୍ୱ କଲ୍ୟାଣ ପାଇଁ ଏହା କାର୍ଯ୍ୟ କରୁଛି। ସମାଜର ସର୍ବାଙ୍ଗୀନ ବିକାଶ ସହିତ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ଏହା ଉଦ୍ଦିଷ୍ଟ । ସଂଘ ଭାରତ ମାତାର ସେବା ପାଇଁ ଅବିରତ କାର୍ଯ୍ୟ କରୁଛି। ଆମ ଜୀବନ ଶୈଳୀରେ ସନାତନ ମୂଲ୍ୟବୋଧକୁ ଉଜ୍ଜୀବିତ କରିବା ଏବଂ ସମାଜକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରଚେଷ୍ଟା କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ । ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ ରଥ କହିଲେ, ସେବା ଭାବ ନିର୍ମାଣ ଦ୍ୱାରା ଏକ ସୁନ୍ଦର ସୁରକ୍ଷିତ ପରିବାରର ସଂରଚନା ସମ୍ଭବ ହେବ। ମୁଖ୍ୟବକ୍ତା ତଥା ପୁରୀ ବିଭାଗର ସମ୍ପର୍କ ପ୍ରମୁଖ ସୁବ୍ରତ ତ୍ରିପାଠୀ କହିଲେ, ସଂଘ ହିନ୍ଦୁ ସମାଜକୁ ଐକ୍ୟବଦ୍ଧ କରି ଆଜି ଭବ୍ୟ ରୂପ ଦେଇଛି। ଖଣ୍ଡଗିରି ଭାଗ କାର୍ଯ୍ୟବାହ ଶରତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ୨ବର୍ଷ ପାଇଁ ୧୨ଜଣଙ୍କୁ 'ଚଲାପଥ ସମ୍ମାନ'

ଭୁବନେଶ୍ୱର,୩୦।୩(ସୁଚିସ୍ମିତା ସାହୁ)

ସାହିତ୍ୟାନୁଷ୍ଠାନ ଚଲାପଥର ୫୧ତମ ସାରସ୍ୱତ ସମାରୋହ ରବିବାର ବୁଦ୍ଧି ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାହିତ୍ୟିକ ତଥା ଓଡ଼ିଶା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରି କହିଲେ, ମାନବବୋଧତାର ମୂଲ୍ୟବୋଧକୁ ନେଇ ଜୀବନଧର୍ମୀ ସାହିତ୍ୟ ସୃଷ୍ଟି ହେବା ଉଚିତ। ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ଚଲାପଥର ଅର୍ଦ୍ଧ ଶତାବ୍ଦୀର ଇତିହାସ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସନ୍ତୋଷ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜାତୀୟ ମାନବ ଅଧିକାର ଆୟୋଗ ନୂଆଦିଲ୍ଲୀ କୋର ଗ୍ରୁପ୍ ସଦସ୍ୟ ମନୋଜ କୁମାର ଜେନା, ଓଡ଼ିଶା ହାଇକୋର୍ଟର ଆଇନଜୀବୀ କବୀର କୁମାର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ସାମାଜିକ ସଙ୍ଗଠନର ପ୍ରତିଷ୍ଠାତା ରଞ୍ଜନ କୁମାର ଆଚାର୍ଯ୍ୟ, ପ୍ରଫେସର ଡ. ନୃସିଂହ ଚରଣ ସାହୁ, କବି ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଚଲାପଥର ଉପସଭାପତି ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଜୟଲକ୍ଷ୍ମୀଙ୍କ ଆଧ୍ୟାତ୍ମିକ ପୁସ୍ତକ 'ଈଶ୍ୱର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଧରିତ୍ରୀର ସହସମ୍ପାଦକ ସଂଘମିତ୍ରା ମହାନ୍ତି ଓ ସାମ୍ବାଦିକ ଅନିଲ କୁମାର ଦାସଙ୍କୁ 'ଚଲାପଥ ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା। ସେହିପରି ୨୦୨୫ ପାଇଁ ଅସ୍ଥିଶଲ୍ୟ ଚିକିତ୍ସକ ଡା. ଶରତ ଚନ୍ଦ୍ର ମିଶ୍ର, ସମାଜସେବୀ କବୀର କୁମାର ଜେନା, ସାହିତ୍ୟିକ ଡ. ମିହିର କୁମାର ପଟ୍ଟନାୟକ, ସଂସ୍କୃତିର ପୂଜାରୀ ଦେବାଶିଷ ପାଢ଼ୀ, ବ୍ୟଙ୍ଗକବି ଅଖିଳ ମୋହନ ଦାଶ, ସାମ୍ବାଦିକ ଆଦିତ୍ୟ କୁମାର ମେକାପ, ସାହିତ୍ୟିକ ବିଶ୍ୱମ୍ଭର ସାମଲ, ସାମାଜିକ କର୍ମୀ ଲଳିତ କୁମାର ବଳିୟାରସିଂହ, ସାହିତ୍ୟକ ପବିତ୍ର ମୋହନ ରାଉତରାୟ, ସାମ୍ବାଦିକା ତଥା ସାହିତ୍ୟିକା ସୁଜାତା ସିଂହଙ୍କୁ 'ଚଲାପଥ ସମ୍ମାନ' ପ୍ରଦାନ କରାଯାଇଥିଲା।




ଚଲାପଥର ସାରସ୍ୱତ ସମାରୋହରେ ପୁସ୍ତକ 'ଈଶ୍ୱର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥ' ଉନ୍ମୋଚନ କରାଯାଉଛି।

## ପମ୍ବନ ବ୍ରିଜ୍‌ର ଟ୍ରାଏଲ ରନ୍ ସଫଳ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)



ରାମେଶ୍ୱରମ୍‌ରେ ନିର୍ମିତ ପମ୍ବନ ବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ରବିବାର ରେଳ ଅଧିକାରୀ, ତଟରକ୍ଷୀ ବାହିନୀ, ରାଜ୍ୟ ପ୍ରଶାସନ ଏବଂ ପୋଲିସ ଉପସ୍ଥିତିରେ ଏହାର ଟ୍ରାଏଲ ରନ୍ କରାଯାଇଛି। କୋଷ୍ଟଗାର୍ଡ ଜାହାଜକୁ ଯିବା ପାଇଁ ଶେର୍ଜର ସ୍ପାନ୍ ସହ ପୁରୁଣା ପମ୍ବନ ବ୍ରିଜ୍‌କୁ ମଧ୍ୟ ଖୋଲିବାକୁ ପଡ଼ିଥିଲା। ସମୟକୁ ସମନ୍ୱିତ କରିବା ପାଇଁ ପୁରୁଣା ଏବଂ ନୂଆ ପମ୍ବନ ବ୍ରିଜ୍ ଖୋଲାଯାଇଥିଲା। ନୂତନ ବ୍ରିଜ୍‌ର ଲିଫ୍ଟ ସ୍ପାନ୍ ତଳେ ତଟରକ୍ଷୀ ଜାହାଜକୁ ଅନ୍ୟ ପାର୍ଶ୍ୱକୁ ଯିବାକୁ ଅନୁମତି ଦେବା ପରେ ନୂଆ ବ୍ରିଜ୍‌ର ଉଠାଯାଇଥିବା ଅଂଶକୁ ସମୟ ନିର୍ଦ୍ଧାରଣ କରିବା ପାଇଁ ତଳକୁ ଅଣାଯାଇଥିଲା। ନୂଆ ସେତୁର ଲିଫ୍ଟ ସ୍ପାନ୍ ତଳକୁ ଓହ୍ଲାଇବା ପରେ ସମୟ ଯାଞ୍ଚ ପାଇଁ ପମ୍ବନରୁ ମଣ୍ଡପମ୍ ଏବଂ ମଣ୍ଡପମ୍‌ରୁ ପମ୍ବନ ପର୍ଯ୍ୟନ୍ତ ପମ୍ବନ ବ୍ରିଜ୍ ଦେଇ ଏକ ଟ୍ରେନ୍ ଚଳାଚଳ କରାଯାଇଥିଲା। ତେବେ ପରୀକ୍ଷଣ ସଫଳ ହୋଇଥିବା ସୂଚନା ରହିଛି।

## ଭଲ ମଣିଷ ସୃଷ୍ଟି ପାଇଁ ରେଡକ୍ରସ୍ ସର୍ବୋତ୍ତମ ପ୍ଲାଟ୍‌ଫର୍ମ

ଭୁବନେଶ୍ୱର,୩୦।୩(ସୁଚିସ୍ମିତା ସାହୁ)

**ଆନ୍ତଃରାଜ୍ୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ**

ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ରବିବାର ନୀଳାଚଳ ପଲିଟେକ୍ନିକ୍‌ଠାରେ ଚାଲିଥିବା ଆନ୍ତଃରାଜ୍ୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମେଜର ଡ. କଳ୍ପନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ନିଃସ୍ୱାର୍ଥପର ସେବାରେ ନିଜକୁ ନିୟୋଜିତ କରିବାକୁ ପ୍ରେରଣା ଦେଇଥିଲେ। ମଣିପୁର ରାଜ୍ୟ ଶାଖାର ଅଧ୍ୟକ୍ଷ ନରେନ୍ଦ୍ର ନିଙ୍ଗାମ୍ବା ମୁଖ୍ୟବକ୍ତା ଭାବେ ଯୋଗଦେଇ ନୈତିକ ମୂଲ୍ୟବୋଧ ବୃଦ୍ଧି କରିବା ଏବଂ ଭଲ ମଣିଷ ସୃଷ୍ଟି କରିବା ପାଇଁ ରେଡକ୍ରସ ହେଉଛି ସର୍ବୋତ୍ତମ ପ୍ଲାଟ୍‌ଫର୍ମ ବୋଲି କହିଥିଲେ। ନୀଳାଚଳ ପଲିଟେକ୍ନିକ୍ସ ସଚିବ ସରୋଜ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଣିପୁର, ଉତ୍ତର ପ୍ରଦେଶ, ପଞ୍ଜାବ ଏବଂ ଓଡ଼ିଶା ଆଦି ବିଭିନ୍ନ ରାଜ୍ୟର ଜେଆର୍‌ସି ପରାମର୍ଶଦାତା, ସ୍ୱେଚ୍ଛାସେବୀ ଏବଂ ରାଜ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ରେଡକ୍ରସର ଇତିହାସ, ବିପର୍ଯ୍ୟୟ ପରିଚାଳନା, ସନ୍ଧାନ ଏବଂ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ବିଦ୍ୟାଳୟ ସୁରକ୍ଷା, ସଡ଼କ ସୁରକ୍ଷା, ସାଇବର ସୁରକ୍ଷା, ଏଚ୍‌ଆଇଭି ଏଡ୍‌ସରୁ ରକ୍ଷା ଇତ୍ୟାଦି ବିଭିନ୍ନ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଜାଣିବା ପାଇଁ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଧଉଳି ସ୍ତୁପ, ନନ୍ଦନକାନନ ପରିଦର୍ଶନ କରିଥିଲେ। ଶେଷ ଦିବସରେ ପ୍ରବନ୍ଧ, ଭାଷଣ, ରଙ୍ଗୋଲି, ଚିତ୍ରକଳା, ପ୍ରାଥମିକ ଚିକିତ୍ସା, ଗୋଷ୍ଠୀ ନୃତ୍ୟ, ଗୋଷ୍ଠୀ ଗୀତ, ପ୍ରଦର୍ଶନୀ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନକାରୀ, ଶ୍ରେଷ୍ଠ ପରାମର୍ଶଦାତା, ସ୍ୱେଚ୍ଛାସେବକ ଏବଂ ରାଜ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଏବଂ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଶିବିର ରିପୋର୍ଟ ଉପସ୍ଥାପନ କରିଥିଲେ। ଯୁବ ରେଡ଼କ୍ରସର ରାଜ୍ୟ ସଂଯୋଜକ ଡ. ଗୋପାଳ କୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଡ. ସତ୍ୟ ନାରାୟଣ ହୋତା ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର





ରାଜଧାନୀରେ ଖରା ଦାଉରୁ ଯାତ୍ରୀ ଓ ଗାଡି ଚାଳକଙ୍କୁ ସୁରକ୍ଷା ଦେବାକୁ ଟ୍ରାଫିକ୍ ଛକରେ ନାଲି ଓ ସବୁଜ ରଙ୍ଗର ଶେଡ୍ ବନ୍ଧା ଯାଇଛି। (ଫଟୋ- ବିକାଶ ନାୟକ)



ବାରଙ୍ଗ ନରଣପୁର ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍‌ରେ ସ୍ୱର୍ଣ୍ଣଦେବୀ କ୍ଲବ୍ ବଉଳକୁଦକୁ ୩-୨ ଗୋଲ୍‌ରେ ହରାଇ ଚାମ୍ପିୟନ ହୋଇଥିବା ବିଶ୍ୱବିଜୟୀ କ୍ଲବ୍ ମଧୁବନ ଟିମ୍ ସହ ଅତିଥିମାନେ।

**ଇଦ୍, ରାମନବମୀ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ**

ତିଗିରିଆ,(ଜାଫର ଖାଁ): ପବିତ୍ର ଇଦ୍-ଉଲ-ଫିତର ଓ ରାମନବମୀ ପାଇଁ ତିଗିରିଆ ପୋଲିସ ତରଫରୁ ରବିବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ମୁସ୍‌ଲମାନ ଗ୍ରାମ କରଡ଼ାପଲ୍ଲୀ ଓ ପଙ୍କାଳ ସଂଲଗ୍ନ ନୂଆପାଟଣାରେ କୌଣସି ଅଘଟଣ ନ ଘଟିବା ପାଇଁ ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ କହିଛନ୍ତି।

# ‘ହିତାଧିକାରୀ ଯୋଜନାର ଲାଭ ଉଠାନ୍ତୁ’

କଟକ ସଦର/ତିଗିରିଆ/ ଆଠଗଡ଼/ ବାଙ୍କୀ,୩୦।୩(ସୁଶାନ୍ତ କୁମାର ଜେନା/ ଜାଫର ଖାଁ/ ସତ୍ୟ ପ୍ରସାଦ ରଥ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)


କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

କଟକ ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ରବିବାର କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି କହିଛନ୍ତି, ରାଜ୍ୟର ଶେଷ ସୀମାରେ ଥିବା ଗରିବ ଲୋକଙ୍କ ପାଇଁ ସରକାର ଏହି ଯୋଜନା କରିଛନ୍ତି। ତେଣୁ ପ୍ରତ୍ୟେକ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କଟକ ଜିଲାରେ ୨୧୯୩ ଜଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ମନୋନୀତ ହୋଇଥିବାବେଳେ ରବିବାର ୧୪୫୯ ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ସେମାନଙ୍କ ମଧ୍ୟରୁ କଟକ ସଦର ବ୍ଲକ ଅଞ୍ଚଳର ୭୩ ଜଣ କାର୍ଯ୍ୟାଦେଶ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ,

**ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ**

ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ସଦର ବିଡିଓ ପ୍ରତୀକ ସାହୁ ଯୋଗଦେଇଥିଲେ। ସଞ୍ଜୟ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପାରମିତା ସାମଲ, ଦୁର୍ଗା ମହାପାତ୍ର, ଦେବରାଜ ଦାସ, ତେଜସ୍କର ସିଂହ, ବିକାଶ ପ୍ରଧାନ, ଅଜୟ ସେଠୀ, ଦିଲୀପ ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମରେ ୬୨ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବ୍ଲକ ଭାରପ୍ରାପ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବିଧାୟକଙ୍କ ପ୍ରତିନିଧି ଚିନ୍ମୟ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

ଅନ୍ତ୍ୟୋଦୟ ଗୃହ ଯୋଜନା ବ୍ଲକସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଠଗଡ଼ ବ୍ଲକର ୮୬ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଆଠଗଡ଼ଙ୍କ ପ୍ରତିନିଧି ସୁନୀଲ ପରିଡ଼ା, ବିଡିଓ ଆକାଶ ପଣ୍ଡା, ଆଠଗଡ, ଆଠଗଡ଼ ମଣ୍ଡଳ ବିଭ ଅଧିକାରୀ ନବ କୁମାର କଟକିଆ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇଥିଲେ।

ଡମପଡ଼ା ଓ ବାଙ୍କୀ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡମପଡା ବ୍ଲକର ୧୬୧ ଓ ବାଙ୍କୀ ବ୍ଲକର ୫୫ ଜଣ ହିତାଧିକାରୀଙ୍କୁ ପକ୍କା ଗୃହ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଡମପଡ଼ା ବିଡିଓ ଅଂଶୁମାନ ଦାସ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମତଗଜସିଂହଙ୍କ ସମେତ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ସେହିପରି ବାଙ୍କୀ ବ୍ଲକରେ ବିଡିଓ ସଂଗ୍ରାମ ବଳ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପ ଲତା ସାମନ୍ତ, ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ ବେଉରା, ଜିଲାପରିଷଦ ସଦସ୍ୟଙ୍କ ସମେତ ୨୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

## ‘ଏପ୍ରିଲ ୨୦ ସୁଦ୍ଧା ସରିବ ମୁଖ୍ୟ ଡ୍ରେନ୍ କାର୍ଯ୍ୟ’


ଲୋକ ପ୍ରତିନିଧିମାନେ ବକ୍ସ ଡ୍ରେନ୍ ଓ ରେଳପଥ କାର୍ଯ୍ୟ ତଦାରଖ କରୁଛନ୍ତି।

କଟକ,୩୦।୩(କାର୍ତ୍ତିକ ସାହୁ)

**ବକ୍ସ ଡ୍ରେନ୍, ରେଳପଥ କାର୍ଯ୍ୟ ତଦାରଖ କଲେ ଜନପ୍ରତିନିଧି**

କଟକ ମାତୃଭବନ ନିକଟରେ ବକ୍ସ ଡ୍ରେନ୍ ଓ ରେଳପଥ କାର୍ଯ୍ୟର ଅଗ୍ରଗତିକୁ ତଦାରଖ କରିଛନ୍ତି ନିର୍ବାଚିତ ଜନପ୍ରତିନିଧିଗଣ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସିଏମ୍‌ସି ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ମିଳିତ ଭାବେ ରବିବାର ସକାଳେ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ମାତୃ ଭବନ ମୁଖ୍ୟ ଡ୍ରେନ୍ ଆସନ୍ତା ଏପ୍ରିଲ ୨୦ ତାରିଖ ସୁଦ୍ଧା ଶେଷ ହେବ। ଏପ୍ରିଲ ୧୫ ତାରିଖରୁ ରେଳପଥ କାର୍ଯ୍ୟ ଆରମ୍ଭ ହୋଇ ୨ ମାସରେ ଶେଷ ହେବ। ଜାଇକା କାର୍ଯ୍ୟ ଶେଷ ହେଲେ ପୂର୍ତ୍ତ ଓ ସିଏମ୍‌ସି କାର୍ଯ୍ୟ ଆରମ୍ଭ କରାଯିବ। ଖୁବ୍‌ଶୀଘ୍ର ମାତୃ ଭବନ ପାଖ ଡ୍ରେନ୍ ସଫା କରାଯିବ ବୋଲି ମେୟର କହିଛନ୍ତି। ଏହି ଅବସରରେ ସ୍ଥାନୀୟ ଲୋକମାନେ ଡ୍ରେନ୍ ଉପରେ ଲୁହା ଚାଦର ପକାଯିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଏମ ଦିବ୍ୟ ଲୋଚନ ମହନ୍ତ, ତହସିଲଦାର ସୁଜୟ କୁମାର ପତି, ଜାଇକା ମ୍ୟାନେଜର ମନୋରଞ୍ଜନ ଜେନା, ଏମ୍‌ପିଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ, ସ୍ଥାନୀୟ କର୍ପୋରେଟର ଯତୀନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

ବାଙ୍କୀ,୩୦।୩ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତଳଭେଜିପୁଟ ଆଶ୍ରମ ବିଦ୍ୟାଳୟ ପରିସରରେ ‘ଆମେ ଜାଣିବା ଆମେ ଜିଣିବା’ କାର୍ଯ୍ୟକ୍ରମ ମା’ବାପାଙ୍କ ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି କାଳନ୍ଦୀ ଚରଣ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡମପଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ସସ୍ମିତା ନାଏକ, ମୁଖ୍ୟବକ୍ତା ଭାବେ କବି ବଂଶୀଧର ମହାପାତ୍ର, ସମ୍ମାନିତ ଅତିଥିଭାବେ ତାଳବସ୍ତ ପଞ୍ଚାୟତ ସମିତି ସଭ୍ୟା ସଂଯୁକ୍ତା ବରାଡ, ସାମାଜିକ କର୍ମୀ ରାଜକିଶୋର ମହାନ୍ତି, ତାଳବସ୍ତ ସିଆର୍‌ସିସି ଦିଲୀପ ମହାପାତ୍ର, ବରିଷ୍ଠ ଶିକ୍ଷକ ଶରତ କୁମାର ପଣ୍ଡା, ସୁଦର୍ଶନ ଦେଉରୀ, ନରେନ୍ଦ୍ର ନାଏକ, ଲୋକନାଥ ବେହେରା ଯୋଗଦେଇଥିଲେ। ଶିକ୍ଷକ ଶୁଭଜିତ୍ ପ୍ରଧାନ, ଗୌରାଙ୍ଗ ଚରଣ ପାତ୍ର, ସୌଭାଗିନୀ ମିଶ୍ର, ସୁଲୋଚନା ଜେନା, ପ୍ରମୁଖ ସହଯୋଗ କରିଥିଲେ।

## ‘ବିଚାରପତି ନିଜ କାମ ପ୍ରତି ସମର୍ପିତ ହେବା ଉଚିତ’



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଅନ୍ୟମାନେ।

କଟକ,୩୦।୩(କାର୍ତ୍ତିକ ସାହୁ)

**୨୦୨୨ ବ୍ୟାଚ୍ ସିଭିଲ ଜଜ୍(ଜୁନିୟର ଡିଭିଜନ)ଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଚାଲିଥିବା ୨୦୨୨ ବ୍ୟାଚ୍ ସିଭିଲ ଜଜ୍(ଜୁନିୟର ଡିଭିଜନ)ଙ୍କ ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ୫୪ ଜଣ ନବ ନିଯୁକ୍ତ ବିଚାରପତିଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ଜଣାଇ ସେମାନେ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରିବାକୁ ପ୍ରେରଣା ଦେଇଥିଲେ। ଜଣେ ବିଚାରପତି ନିଜ କାମ ପ୍ରତି ସମର୍ପିତ ହେବା ଉଚିତ୍ ବୋଲି କହିଥିଲେ। ତାଲିମପ୍ରାପ୍ତ ଅଧିକାରୀମାନଙ୍କୁ ମାନବିକ ଆଭିମୁଖ୍ୟ ରଖିବା, ମାମଲା ପରିଚାଳନା ଏବଂ ସମାଧାନ କରିବା ସମୟରେ ନୀତିଶାସ୍ତ୍ର, ଶିଷ୍ଟାଚାର ଏବଂ ସହାନୁଭୂତି ପ୍ରତି ସଚେତନ ରହିବାକୁ ଟଣ୍ଡନ ପରାମର୍ଶ ଦେଇଥିଲେ।

ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜୁଡିସିଆଲ ଏକାଡେମୀର ଏକ ନୂତନ ୱେବ୍‌ସାଇଟ୍‌କୁ ମୁଖ୍ୟ ବିଚାରପତି ଉନ୍ମୋଚନ କରିଥିଲେ। ଏହାପରେ ୨୦୨୨ ବ୍ୟାଚ୍‌ର ନବନିଯୁକ୍ତ ବିଚାରପତିମାନେ ମଞ୍ଚ ନିକଟକୁ ଶୋଭାଯାତ୍ରାରେ ଆସିଥିଲେ। ହାଇକୋର୍ଟ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତିଗଣ, ପୂର୍ବତନ ବିଚାରପତି, ପ୍ରଶିକ୍ଷକ, ହାଇକୋର୍ଟର ଅଧିକାରୀବୃନ୍ଦ ଓ ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥିଙ୍କ ସମେତ ନବନିଯୁକ୍ତ ଦେୱାନୀ ବିଚାରପତିମାନଙ୍କ ପରିବାର ସଦସ୍ୟ ଏବଂ ଆତ୍ମୀୟସ୍ୱଜନ ଯୋଗଦେଇଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ବାଙ୍କୀ,୩୦।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମା’ ଚର୍ଚ୍ଚିକା ପ୍ରଭାତ ଶାଖା ତରଫରୁ ବାଙ୍କୀ କଚେରି ପଡ଼ିଆଠାରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଯୁଗଳ ଭୂତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରମାକାନ୍ତ ଭଞ୍ଜ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶାଖା ପରିଚାଳକ ପ୍ରସନ୍ନ କୁମାର ପଣ୍ଡା, ରମାକାନ୍ତ ଭଞ୍ଜ, ସମରେନ୍ଦ୍ର ମହାପାତ୍ର, ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ରଘୁନାଥ ପୃଷ୍ଟି ପ୍ରମୁଖ ଯୋଗଦେଇ ଭାରତକୁ ଏକ ସୂତ୍ରରେ ବାନ୍ଧି ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ବାଙ୍କୀ ସହରସ୍ଥିତ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଓ ଆଦର୍ଶ ଯୁବପରିଷଦର ମିଳିତ ସହଯୋଗରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ରଙ୍ଗଣିସାହିସ୍ଥ ବେଦମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଯଜ୍ଞ, କବିତା ପାଠୋତ୍ସବ ଓ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

## ସିନର୍ଜି କଲେଜର ବାର୍ଷିକ ଉତ୍ସବ


ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଫୁଲନଖରା,୩୦।୩(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ ‘ସେନ୍‌ସେସନ-୨୦୨୫’ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ‘ସମାଜ’ର ପ୍ରକାଶକ ଓ ମୁଦ୍ରାକର ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ବିନୋଦ ଦାଶ ସମୟାନୁବର୍ତ୍ତୀ ଏବଂ ଅଙ୍ଗୀକାରବଦ୍ଧ ହୋଇ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଡ. ଯୋଗେଶ୍ୱରୀ ରାଉତ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ଡ. ଅଜୟ କୁମାର ସ୍ୱାଇଁ, ପ୍ରଫେସର ଚିତ୍ରସେନ ଜଗତଦେଓ, ଇଂ. ଧରଣୀଧର ସାହୁ, ଟ୍ରଷ୍ଟି ଅଜୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନିତା ପାଢ଼ୀ, ଇତିଶା ଜାଭେଦଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟ, ପ୍ରାଧ୍ୟାପକ, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ‘ସମାଜ ସୁଧାରିବାରେ ସାରସ୍ୱତ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ’

କଟକ,୩୦।୩(କାର୍ତ୍ତିକ ସାହୁ)

**ଅଷ୍ଟମ କାଠଯୋଡ଼ି ସାରସ୍ୱତ ସମାରୋହ**

କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ଅଷ୍ଟମ କାଠଯୋଡ଼ି ସାରସ୍ୱତ ସମାରୋହ କଟକ ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରି ସମାଜକୁ ସୁଧାରିବାରେ ସାରସ୍ୱତ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଅଭିଳାଷ ନାୟକ, ଗୀତିକବି ମନୋଜ ପଟ୍ଟନାୟକ, ଆଇନଜୀବୀ ମହିଜା ଦଳବେହେରା, ସୁଲେଖାର ସଭାପତି ସଦାଶିବ ମିଶ୍ର, ପ୍ଲାଷ୍ଟିକ ସର୍ଜନ ଡାକ୍ତର ସୁନୀଲ ରାଉତ, କୃଷ୍ଣଚନ୍ଦ୍ର ରଥ, ଭଗବାନ ସାମଲ, ପ୍ରମିଳା ପତି, ଜୟନ୍ତୀ ବାରିକ, ମିନତି ମଲ୍ଲ ଯୋଗଦେଇଥିଲେ। ପୀତାମ୍ବର ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର କାଠଯୋଡ଼ି, ପ୍ରମୋଦ ସାହୁଙ୍କ ଭକ୍ତି ମହକ ଏବଂ କୁନ୍ତଳା ମହାପାତ୍ରଙ୍କ ଗେଣ୍ଡୁଲି କରୁଛି ଠାକୁର ପୂଜା ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିସହ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସାରସ୍ୱତ ସାଧକ ହିମାଂଶୁ ଶେଖର ଖଟୁଆ, ବୀରେନ୍ଦ୍ର ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, ବିପିନ ମହାନ୍ତି, ଡ. ବୈଜୟନ୍ତୀ ମିଶ୍ର, ଡା. ନିରଞ୍ଜନ ରାଉତ, ବିଜୟ ପ୍ରଧାନ, ଗୌର ଷଡ଼ଙ୍ଗୀ, ଶଶିକାନ୍ତ ଦାସ, ବନମାଳୀ ସେନାପତି, ସ୍ନେହଲତା ଦ୍ୱିବେଦୀ, ଓମ୍ ଅଭିଜ୍ଞାନ ସାହୁ ଏବଂ ଶ୍ରୀଧର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ହୃଷୀକେଶ ମହାରଣା, ସୌମେନ୍ଦ୍ର ମହାପାତ୍ର, ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଇଂ. ଶେଷଦେବ ଜେନା ଓ ସମ୍ପାଦକ ବାବାଜୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ସଚିବ ଅଶ୍ୱତ୍ଥି ଏସ୍, ଡିଏମ୍‌ଇଟି ସନ୍ତୋଷ କୁମାର ମିଶ୍ର ରବିବାର ମେଡିକାଲରେ ପହଞ୍ଚି ପ୍ରଥମେ ସମ୍ପ୍ରସାରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ମେଡିକାଲର ସମସ୍ୟା ଓ ସମ୍ପ୍ରସାରଣ କାର୍ଯ୍ୟକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେଡିକାଲ କୁଳସଚିବ ସୁବାସ ରାଏ, ଅତିରିକ୍ତ ଅଧୀକ୍ଷକ ପ୍ରଫେସର ଡା. ମନୋଜ ପଟ୍ଟନାୟକ ମେଡିକାଲ ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ। ଏସ୍‌ସିବି ମେଡିକାଲ ସମସ୍ୟା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୈଠକ ପରେ ସ୍ୱାସ୍ଥ୍ୟ ସଚିବ କହିଛନ୍ତି, ମେଡିକାଲରେ ଚାଲିଥିବା ସମସ୍ତ କାର୍ଯ୍ୟ ତଦାରଖ କରାଯାଇଛି। ଏଥିସହ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବା ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଛି। ଏହି ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଆର୍‌ଡିସି ପରମେଶ୍ୱରନ. ବି, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ ସମ୍ପ୍ରସାରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ଫଟୋରେ ଖବର**


କଟକ ଜିଲା ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ରବିବାର କାମାକ୍ଷା ଏକ୍ସପ୍ରେସ୍‌ର ୧୧ ବଗି ଲାଇନ୍‌ଚ୍ୟୁତ୍ ହୋଇଛି। ଏଥିରେ ଆହତ ହୋଇଥିବା ଯାତ୍ରୀଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଉଛି।


ଦୁର୍ଘଟଣା ପରେ ଅଟକି ରହିଥିବା ଯାତ୍ରୀଙ୍କୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଗନ୍ତବ୍ୟ ସ୍ଥଳକୁ ପଠାଯାଉଛି।

# ଜାମ୍‌ଶେଦପୁର ଏଫ୍‌ସି ସେମିଫାଇନାଲରେ

**ଶିଲଂ, ୩୦।୩**

ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୪-୨୫ର ଏକ ପ୍ଲେ-ଅଫ ମ୍ୟାଚରେ

### ଆଇଏସ୍‌ଏଲ୍ କାର୍ଯ୍ୟସୂଚୀ

- ଏପ୍ରିଲ ୨: ବେଙ୍ଗାଲୁରୁ ଏଫ୍‌ସି ବନାମ ଗୋଆ
- ଏପ୍ରିଲ ୩: ଜାମଶେଦପୁର ଏଫ୍‌ସି ବନାମ ମୋହନ ବାଗାନ ସୁପର ଜାଏଣ୍ଟ
- ଏପ୍ରିଲ ୬: ଏଫ୍‌ସି ଗୋଆ ବନାମ ବେଙ୍ଗାଲୁରୁ ଏଫ୍‌ସି
- ଏପ୍ରିଲ ୭: ମୋହନ ବାଗାନ ସୁପର ଜାଏଣ୍ଟ ବନାମ ଜାମଶେଦପୁର ଏଫ୍‌ସି
- ଏପ୍ରିଲ ୧୨: ଫାଇନାଲ



ବିଜୟ ପରେ ଉଲ୍ଲସିତ ଜାମ୍‌ଶେଦପୁର ଏଫ୍‌ସି ଖେଳାଳି।

ଜାମ୍‌ଶେଦପୁର ଏଫ୍‌ସି ୨-୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ପରାସ୍ତ କରିଛି। ଚଳିତ ସିଜନରେ ଦଳର ହୋମ୍ ଗ୍ରାଉଣ୍ଡ ବାହାରେ ଏହା ହେଉଛି ୫ମ ବିଜୟ। ଯେ କୌଣସି ଆଇଏସ୍‌ଏଲ୍ ଅଭିଯାନରେ ଦଳର ଏହା ସର୍ବଶ୍ରେଷ୍ଠ। ଜାମ୍‌ଶେଦପୁର ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲରେ ଲିଗ୍ ଶିଲ୍ଡ ବିଜେତା ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। ରବିବାର ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ପ୍ରଥମ ଗୋଲ୍ ଷ୍ଟିଫେନ୍ ଇଜ୍ ଖେଳର ୨୯ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ଅନ୍ୟ ଗୋଲଟିକୁ ଜାଭି ହର୍ନାଣ୍ଡେଜ ଦ୍ୱିତୀୟାର୍ଦ୍ଧ ଖେଳର ଅତିରିକ୍ତ ୯ମ ମିନିଟ୍‌ରେ ସ୍କୋର କରିଥିଲେ। ଖେଳର ୮୮ତମ ମିନିଟ୍‌ରେ ରେଡ୍‌କାର୍ଡ ଯୋଗୁ ମୋବାଶିର ରହମନଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ଜାମଶେଦପୁର ଅଗ୍ରଗତି ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ସେମିଫାଇନାଲ ଯୋଗ୍ୟତା ହାସଲ କରିବାରେ ଦଳ ପାଇଁ ଏହା କୌଣସି ସମସ୍ୟା କରି ନ ଥିଲା। ଜାମଶେଦପୁର ଏଫ୍‌ସି ବର୍ତ୍ତମାନ ମୋହନ ବାଗାନ ସୁପର ଜାଏଣ୍ଟ ସହ ପ୍ରଥମ ଲେଗ୍ ମ୍ୟାଚ ଏପ୍ରିଲ ୩ରେ ଏବଂ ଦ୍ୱିତୀୟ ଲେଗ୍ ଏପ୍ରିଲ ୭ରେ ଖେଳିବ। ଅନ୍ୟ ସେମିଫାଇନାଲରେ ବେଙ୍ଗାଲୁରୁ ଏଫ୍‌ସି ଏପ୍ରିଲ ୨ ଓ ଏପ୍ରିଲ ୬ରେ ଏଫ୍‌ସି ଗୋଆ ବିପକ୍ଷରେ ଖେଳିବ। ଟାଇଟଲ ମୁକାବିଲା ଏପ୍ରିଲ ୧୨ରେ ହେବ। ଏଥିପାଇଁ ଏପର୍ଯ୍ୟନ୍ତ ଭେନ୍ୟୁ ଧାର୍ଯ୍ୟ କରାଯାଇନାହିଁ।

## ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ଟିମ୍ ଇଣ୍ଡିଆ

**ମେଲବୋର୍ନ, ୩୦।୩ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ରବିବାର ଏବିଷୟରେ ସୂଚନା ଦିଆଯାଇଛି। ଭ୍ରମଣକାରୀ ଦଳ ହ୍ୱାଇଟ୍‌ବଲ୍ ମ୍ୟାଚଗୁଡ଼ିକ ଅକ୍ଟୋବର ୧୯ରୁ ନଭେମ୍ବର ୮ ମଧ୍ୟରେ ଖେଳିବ। ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ଗୁଡ଼ିକ ଦିବାରାତ୍ର ଏବଂ ଟି୨୦ ଗୁଡ଼ିକ ରାତିରେ ଖେଳାଯିବ। ୨୦୨୫-୨୦୨୬ ସିଜନରେ ପ୍ରଥମ ଥର ସମସ୍ତ ପୁରୁଷ ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ଅଷ୍ଟ୍ରେଲିଆର ୮ଟି ପ୍ରଦେଶରେ ଆୟୋଜନ କରାଯାଇଛି। ଟି୨୦ ସିରିଜ ବେଳେ କାନବେରା ଓ ହୋବାର୍ଟରେ ମ୍ୟାଚ ଖେଳାଯିବ। ୨୦୨୩ ବିଶ୍ୱକପ୍ ଫାଇନାଲିଷ୍ଟ ଏହାର ୫୦ ଓଭର ବିଶିଷ୍ଟ ମ୍ୟାଚଗୁଡ଼ିକ ପର୍ଥ ଆଡିଲେଡ୍ ଓ ସିଡ୍‌ନିରେ ଖେଳିବ। ନିୟମିତ ଭେନ୍ୟୁ ଏମ୍‌ସିଜି ଓ ଗାବା ବ୍ୟତୀତ ଗୋଲ୍ଡ କୋଷ୍ଟର କାରାରା ଷ୍ଟାଡିୟମରେ ଟି୨୦ ମ୍ୟାଚ ଖେଳ ହେବ।

## ଓଓଏ ସହ ୩ ନୂଆ ସଂଘ ଅନୁବନ୍ଧିତ




ନବ ନିର୍ବାଚିତ ସଭାପତି ସମୀର ମହାନ୍ତିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୩୦।୩ (ବିଜୟ ରଣା)**

ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର ବାର୍ଷିକ ସାଧାରଣ ବୈଠକ କଟକ ବାରବାଟୀ ଷ୍ଟାଡିୟମ ପରିସରରେ ରହିଥିବା ଆସୋସିଏଶନ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଓଏ ସଭାପତି ଜଗମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ଆରମ୍ଭରେ ନିକଟରେ ପରଲୋକ ଗମନ କରିଥିବା ଆସୋସିଏଶନର ପୂର୍ବତନ ସଭାପତି ସମୀର ଦେ ଓ ପୂର୍ବତନ କୋଷାଧ୍ୟକ୍ଷ ଅଧୀପ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଗତ ବାର୍ଷିକ ସାଧାରଣ ସଭାର କାର୍ଯ୍ୟପନ୍ଥା, ସମ୍ପାଦକଙ୍କ ରିପୋର୍ଟ, ଅଡିଟ ସମ୍ପର୍କିତ ବିବୃତି ଏବଂ ବଜେଟ ଉପରେ ସଂକ୍ଷିପ୍ତ ଆଲୋଚନା ହୋଇଥିଲା। ନବନିର୍ବାଚିତ ୨୨ଜଣ କର୍ମକର୍ତ୍ତା ଓ ପରିଷଦ ସଦସ୍ୟଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା। ଏହି ଅବସରରେ ସାଧାରଣ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ନବନିର୍ବାଚିତ ସଭାପତି ସମୀର ମହାନ୍ତି ପ୍ରମୁଖ ସେମାନଙ୍କ ଅଭିଭାଷଣ ରଖିଥିଲେ। ଏଜିଏମ୍ ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଏବଂ ଓସିଏର ଅନ୍ୟ ସଦସ୍ୟଗଣ ଓଓଏର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଭିଜିତ ପଲ ଗୃହରେ ମଧ୍ୟ ସୂଚନା ଦେଇ କହିଥିଲେ ଯେ, ଏହି ବର୍ଷ ୩ଟି ନୂତନ କ୍ରୀଡ଼ା ସଂଘ ଅଲିମ୍ପିକ ଆସୋସିଏଶନ ସହିତ ଯୋଡ଼ି ହୋଇଛନ୍ତି। ସେଗୁଡ଼ିକ ହେଲା ଓଡ଼ିଶା ମୁଏଥାଇ (ଥାଇ ବକ୍ସି) ୟୁନିୟନ, ଓଡ଼ିଶା ସଫ୍ଟବଲ୍ ଆସୋସିଏଶନ ଏବଂ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା। ଏହାଛଡ଼ା ୪ଟି କ୍ରୀଡ଼ାସଂଘକୁ ସ୍ୱୀକୃତି ମିଳିଛି। ସେଗୁଡ଼ିକ ହେଲା ଅଲ୍ ଓଡ଼ିଶା ଏସ୍‌ପୋର୍ଟ୍ସ ଆସୋସିଏଶନ, କ୍ୟାନ କି ଡୋ ଆସୋସିଏଶନ ଓଡ଼ିଶା, ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ ଏବଂ ଓଡ଼ିଶା ବ୍ୟାୟାମ ଆସୋସିଏଶନ।

## ଜାତୀୟ କରାଟେ ପ୍ରତିଯୋଗିତା
# ଓଡ଼ିଶାକୁ ୮ ପଦକ



ଅତିଥିଙ୍କ ଗହଣରେ ପଦକ ବିଜୟୀ କରାଟେକା।

**ଭୁବନେଶ୍ୱର, ୩୦।୩ (ତପନ ସ୍ୱାଇଁ)**

ହାଇଦ୍ରାବାଦର ଗାଚିବୋଲି ଇନ୍‌ଡୋର ଷ୍ଟାଡିୟମରେ ଶେଷ ହୋଇଥିବା ଜାତୀୟ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକା ମାନେ ମୋଟ ୮ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ରୌପ୍ୟ ପଦକ ବିଜେତା କରାଟେକା ମାନେ ହେଲେ ଭାଲେନା ଭାଲେଣ୍ଟିନା (ମହିଳା ସିନିୟର ବ୍ୟକ୍ତିଗତ କାଟା), ତ୍ରିଲୋଚନ ରାଣା (୨୧ବର୍ଷରୁ କମ ପୁରୁଷ ୫୦ କେଜି ଫାଇଟିଂ) ଓ ବେଦାନ୍ତ ଦାସ (୨୧ ବର୍ଷରୁ କମ ପୁରୁଷ ବ୍ୟକ୍ତିଗତ କାଟା)। ସେହିପରି ରିତେଶ ରାୟ (ସିନିୟର ୮୪ କେଜିରୁ ଉର୍ଦ୍ଧ୍ୱ ପୁରୁଷ ଫାଇଟିଂ), ସୁମନ ଶେଖର ଦାସ (ସିନିୟର ୮୪ କେଜିରୁ କମ ଫାଇଟିଂ), ତ୍ରିଲୋଚନ ରାଣା (ସିନିୟର ପୁରୁଷ ୫୦ କେଜିରୁ କମ ଫାଇଟିଂ), ସୁରୋମିତା ସିହ୍ନା (୨୧ ବର୍ଷରୁ କମ ମହିଳା ବ୍ୟକ୍ତିଗତ କାଟା) ଏବଂ ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ସୁପ୍ରିୟା ମହାନ୍ତି ଓ ପ୍ରିୟଦର୍ଶିନୀ ଦାସ ମହିଳା ଟିମ୍ କାଟାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। କୋଚ ଓ ଅଫିସିଆଲ ଭାବେ ଖାରବେଳ ମଲିକ, ଦୀପକ ସାମନ୍ତରା, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ, ସନ୍ତୋଷ ମହାରଣା ଯୋଗ ଦେଇଥିବା ବେଳେ ଅବିନାଶ ପୁନ୍ଦିର ଟିମ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ପଦକ ବିଜେତା ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରି ମହାନ୍ତି ଓ ସଭାପତି ହରିପ୍ରସାଦ ପଟ୍ଟନାୟକ ଏବଂ କର୍ମକର୍ତ୍ତା ସଞ୍ଜୟ ଦାସ, କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଦୀପ କୁମାର ସରକାର, ମୀର ଅଜମତ ଅଲି ଓ ହିମାଂଶୁ ଶେଖର ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସ୍କୁଲ୍ ଓପନ ଚେସ୍; ଆୟାଭନ୍ଥ ଚାମ୍ପିୟନ

**ଭୁବନେଶ୍ୱର, ୩୦।୩ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରବିବାର ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ସ୍କୁଲ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆୟାଭନ୍ଥ ମହାନ୍ତି ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଶ୍ରୀୟାଂଶ ସୌମିତ ସ୍ୱାଇଁ, ଆୟୁଷ ପରିଡ଼ା, ସତ୍ୟମାଧବ ଶତପଥୀ ଓ ଆଦିତ୍ୟ ଲାହା ଟପ୍-୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜଗାଙ୍ଗପୁରସ୍ଥିତ ଡାଲମିୟା ସିମେଣ୍ଟ (ଭାରତ)ର ମ୍ୟାନେଜର (ପ୍ରଡକ୍ସନ) ଆଦିତ୍ୟ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସମ୍ପର୍କୀୟ ନିବେଦିତା ପଟ୍ଟନାୟକ, ସୌମ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ସିନିୟର ନ୍ୟାଶନାଲ ଖୋ ଖୋ




ପ୍ରତିଯୋଗିତା ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ପୁରୀ, ୩୦।୩ (ଅଜିତ୍ କୁମାର ମହାନ୍ତି)**

ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନର ମିଳିତ ସହଯୋଗରେ ୫୭ତମ ସିନିୟର ନ୍ୟାଶନାଲ ଖୋ ଖୋ ଚାମ୍ପିୟନଶିପ୍ ପ୍ରଥମଥର ପାଇଁ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ଏହା ସୋମବାରଠାରୁ ଏପ୍ରିଲ୍ ୪ତାରିଖ ପର୍ଯ୍ୟନ୍ତ ପୁରୀରେ ହେବ। ଏହି ଉପଲକ୍ଷେ ରବିବାର ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମସ୍ଥିତ ଜିମ୍ନାଷ୍ଟିକ୍ ହଲଠାରେ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତଲ, ଇଣ୍ଡିଆ ଖୋ ଖୋ ଟିମ୍‌ର କୋଚ୍ ଅଶ୍ୱିନ ଶର୍ମା, ଖୋ ଖୋ ଫେଡରେଶନ ଅଫ୍ ଇଣ୍ଡିଆର ସମ୍ପାଦକ ଏମ୍ ଏସ୍ ତ୍ୟାଗୀ, ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଚାମ୍ପିୟନଶିପ୍ ସମ୍ପର୍କରେ ସୂଚନା ଦେଇଥିଲେ। ଖୋ ଖୋ ଫେଡରେଶନ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତଲ କହିଛନ୍ତି ପ୍ରତିଯୋଗିତା ୫ ଦିନ ଧରି ତାଳବଣିଆ ଖେଳପଡ଼ିଆଠାରେ ହେବ। ଏଥିରେ ପୁରୁଷ ବିଭାଗରେ ୪୦ ଏବଂ ମହିଳା ବିଭାଗରେ ୪୦ଟି ଦଳ ଏହିପରି ସମୁଦାୟ ୮୦ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ସମୁଦାୟ ୧୯୦ଟି ମ୍ୟାଚ୍ ମ୍ୟାଟ୍‌ରେ ଖେଳାଯିବ। ପ୍ରଥମ ଥର ପାଇଁ ଖୋ ଖୋ କ୍ରୀଡ଼ାରେ ରିଭ୍ୟୁ ସିଷ୍ଟମ ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

## ସାବାଲେଙ୍କାଙ୍କୁ ମାୟାମି ଓପନ ଟାଇଟଲ

**ମାୟାମି ଗାର୍ଡେନ୍ସ, ୩୦।୩ (ଏପି):** ବେଲାରୁଷର ଏହି ନମ୍ବର ୱାନ ଆରିନା ସାବାଲେଙ୍କା ମାୟାମି ଓପନ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ସିଡ୍ ଫାଇନାଲରେ ଚତୁର୍ଥ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ୭-୫, ୬-୨ରେ ହରାଇ ଦେଇଛନ୍ତି।


## ପ୍ରେସ୍ ଅଧିସୂଚନା

**ଭାରତ ସରକାର**
**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**
**ରେଳପଥ ନିରାପତ୍ତା ଆୟୁକ୍ତ**

ଶ୍ରୀ ବ୍ରିଜେଶ କୁମାର ମିଶ୍ର, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କୋଲକାତା, ଆସନ୍ତା ତା.01.04.2025ରିଖ ଏବଂ ତା.02.04.2025ରିଖ, 1000 ଘଟିକା ଠାରୁ ପୂର୍ବ ତଟ ରେଳପଥର ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼ ମଣ୍ଡଳଙ୍କ କାର୍ଯ୍ୟାଳୟ ଠାରେ "30.03.2025ରିଖ 11.54 ଘଟିକା ସମୟରେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କଟକ-ଭଦ୍ରକ ସେକ୍ସନର କେନ୍ଦ୍ରାପଡ଼ା ରୋଡ଼-ନିର୍ଗୁଣ୍ଡି ମଧ୍ୟରେ କି.ମି. 401/2-14, BG, ବିଦ୍ୟୁତୀକୃତ ଡବଲ ଲାଇନ୍ ଅଟୋ ସିଗ୍ନାଲିଙ୍ଗ୍ ସେକ୍ସନ୍ ଠାରେ 12551 (SMVB, ବାଙ୍ଗାଲୋର-କାମାକ୍ଷା AC ସୁପରଫାଷ୍ଟ) ଏକ୍ସପ୍ରେସ୍‌ର 11 ସଂଖ୍ୟକ କୋଚ୍ ଏବଂ 01 ପ୍ୟାଣ୍ଟ୍ରି କାର୍‌ର ଲାଇନଚ୍ୟୁତ ସମ୍ପର୍କରେ" ବୈଧାନିକ ତଦନ୍ତ କରିବେ।

ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ଜ୍ଞାନ ଥିବା ଯେକୌଣସି ବ୍ୟକ୍ତିବିଶେଷ ତଥ୍ୟ ଉପସ୍ଥାପନ କରିବାର ଥିଲେ କିମ୍ବା ପ୍ରମାଣ ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ଉପରୋକ୍ତ ପ୍ରଦାନ କରାଯାଇଥିବା ସ୍ଥାନ ଓ ତାରିଖରେ ନିଜେ ଉପସ୍ଥିତ ରହି ସାକ୍ଷ୍ୟ ପ୍ରଦାନ କରିପାରିବେ କିମ୍ବା ସିଧାସଳଖ ରେଳପଥ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, 14-ଷ୍ଟ୍ରାଣ୍ଡ ରୋଡ଼, 12ତମ ମହଲା, କୋଏଲାଘାଟ୍ ଷ୍ଟ୍ରିଟ୍, କୋଲକାତା-700001, ଇମେଲ: crssec@er.railnet.gov.in ଙ୍କୁ ଲିଖିତ ଭାବରେ ନିଜର ସୂଚନା ପ୍ରଦାନ କରିପାରିବେ।

PR-1143/P/24-25 — ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

**ପୂର୍ବ ତଟ ରେଳପଥ**


## କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ଘଟଣା

# ଖରାରେ ସିଝିଲେ ଯାତ୍ରୀ

### ଓଡ଼ିଶାରେ ପ୍ରମୁଖ ଟ୍ରେନ୍ ଦୁର୍ଘଟଣା

- **୨୦୨୩ ଜୁନ୍ ୨:** ବାଲେଶ୍ୱର ଜିଲା ବାହାନଗା ବଜାର ରେଳଷ୍ଟେଶନରେ ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ହୋଇଥିଲା। କରମଣ୍ଡଳ ଏକ୍ସପ୍ରେସ୍ ଉକ୍ତ ଷ୍ଟେଶନ୍‌ରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେବା ପରେ ବେଙ୍ଗାଲୁରୁ ସୁପରଫାଷ୍ଟ ଏକ୍ସପ୍ରେସ୍ ସହ ପୁଣି ଧକ୍କା ହୋଇଥିଲା। ଏଥିରେ ୨୯୬ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହା ଥିଲା ଭାରତର ଅନ୍ୟତମ ବୃହତ୍ ଘାତକ ଟ୍ରେନ୍ ଟ୍ରାଜେଡି।
- **୨୦୨୩ ଜୁନ୍ ୭:** ପ୍ରବଳ ବର୍ଷାରୁ ରକ୍ଷା ପାଇବା ପାଇଁ ଯାଜପୁର ରୋଡ୍ ରେଳଷ୍ଟେଶନରେ ଥିବା ଏକ ମାଲବାହୀ ଟ୍ରେନ୍ ତଳେ ଶ୍ରମିକମାନେ ଆଶ୍ରୟ ନେଇଥିଲେ। ତେବେ ଏହା ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଏଥିରେ ୭ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଥିଲେ।
- **୨୦୨୨ ନଭେମ୍ବର ୨୧:** ଯାଜପୁର ଜିଲା କୋରେଇ ରେଳ ଷ୍ଟେଶନରେ ଟ୍ରେନ୍‌କୁ ଯାତ୍ରୀମାନେ ଅପେକ୍ଷା କରିଥିବାବେଳେ ଏକ ମାଲବୋଝେଇ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ୪ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଆହତ ହୋଇଥିଲେ।
- **୨୦୧୩ ନଭେମ୍ବର ୧୧:** ହାଓଡା-କୋରାପୁଟ୍ ଏକ୍ସପ୍ରେସ୍ ଯାଜପୁର ରୋଡ୍ ରେଳ ଷ୍ଟେଶନ୍ ନିକଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଫଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ରେଳ ଧାରଣାରେ ଫାଟ ସୃଷ୍ଟି ହେବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଥିଲା।
- **୨୦୧୨ ମେ' ୨୨:** ହୁବ୍‌ଳି-ବେଙ୍ଗାଲୋର ହାମ୍ପି ଏକ୍ସପ୍ରେସ୍ ଓଡ଼ିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶର ପେନୁକୋଣ୍ଡା ନିକଟରେ ଏକ ମାଲବାହୀ ସହ ଧକ୍କା ହେବାରୁ ଅନ୍ୟୂନ ୨୫ ଯାତ୍ରୀ ପ୍ରାଣ ହରାଇଥିଲେ। ଏଥିରେ ପ୍ରାୟ ୪୩ ଜଣ ଆହତ ହୋଇଥିଲେ।
- **୨୦୦୯ ଏପ୍ରିଲ ୧୬:** ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ଅନୁଗୋଳ ଜିଲା ବଁଅରପାଳ ନିକଟରେ ଲାଇନ୍‌ଚୁତ ହୋଇଥିଲା। ଏଥିରେ କାହାରି ମୃତ୍ୟୁ ଘଟି ନ ଥିଲେ ମଧ୍ୟ ଅନେକ ବଗି ନଷ୍ଟ ହୋଇଯାଇଥିଲା।
- **୨୦୦୯ ଫେବୃଆରୀ ୧୩:** କରମଣ୍ଡଳ ଏକ୍ସପ୍ରେସ୍ ଯାଜପୁର ରୋଡ୍ ଷ୍ଟେଶନ ନିକଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣାରେ ୧୬ ଯାତ୍ରୀ ପ୍ରାଣ ହରାଇଥିବାବେଳେ ଅନ୍ୟ ୧୫୦ ଜଣ ଆହତ ହୋଇଥିଲେ।
- **୨୦୦୨ ଫେବୃଆରୀ ୧୫:** ଓଡ଼ିଶା ସୀମାନ୍ତ ଆନ୍ଧ୍ରର ପଲାସା ନିକଟରେ ହାଓଡା-ଚେନ୍ନାଇ ମେଲ୍‌ରେ ନିଆଁ ଲାଗିଯିବାରୁ ୫୯ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।
- **୧୯୯୯ ଅଗଷ୍ଟ ୨:** ଓଡ଼ିଶା ପଶ୍ଚିମବଙ୍ଗ ସୀମାବର୍ତ୍ତୀ ଗାଇସାଲ ଷ୍ଟେଶନରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୨୮୫ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୩୦୦ରୁ ଅଧିକ ଆହତ ହୋଇଥିଲେ।
- **୧୯୮୧ ଜୁନ୍ ୬:** ସାମୁଦ୍ରିକ ଝଡ଼ ଯୋଗୁ ଏକ ଟ୍ରେନ୍ ବାଲୁଗାଁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପ୍ରାୟ ୧୦୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।
- **୧୯୮୦ ଏପ୍ରିଲ ୧୯:** ଚନ୍ଦ୍ରଶେଖରପୁରରେ ଏକ ମାଲବାହୀ ଏବଂ ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ।

## ୨୧ ଏକ୍ସପ୍ରେସ୍, ୩ ମେମୋ ଗତିପଥ ବଦଳିଲା

**ଭୁବନେଶ୍ୱର, ୩୦।୩ (ଅନୁରାଧା ମହାରଣା)**

ନିର୍ଗୁଣ୍ଡିରେ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ପରେ ୨୧ ଏକ୍ସପ୍ରେସ୍ ଓ ୩ଟି ମେମୁ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିଲା। ଫଲକନାମା, ସିକନ୍ଦରାବାଦ, ଧଉଳି, ନୀଳାଚଳ, ପୁରୁଲିଆ ସୁପରଫାଷ୍ଟ ସହ ଅନ୍ୟାନ୍ୟ ଟ୍ରେନ୍ ଏହା ମଧ୍ୟରେ ରହିଛି। ମେଲ୍ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକ ହାଓ୍ଡା-ବିଶାଖାପାଟନମ୍ ଅପ୍‌ଲାଇନ୍ ଦେଇ ଗତି କରୁଥିବାବେଳେ ଡାଉନ୍ ଲାଇନ୍ ଟ୍ରେନ୍‌ଗୁଡ଼ିକ ବାରଙ୍ଗ-କଟକ-ନିର୍ଗୁଣ୍ଡି ପରିବର୍ତ୍ତେ ବାରଙ୍ଗ-ନରାଜ-କପିଳାଶ ରୋଡ୍ ଦେଇ ଗତି କରିଥିଲା। ସେହିପରି ଭୁବନେଶ୍ୱର-ବାଲେଶ୍ୱର ମେମୁ, ପୁରୀ-ତାଳଚେର ଓ ଦଶପଲ୍ଲା-ଭଦ୍ରକ ମେମୁ କଟକ-ନିର୍ଗୁଣ୍ଡି ପରିବର୍ତ୍ତେ ବାରଙ୍ଗ-ନରାଜ ଦେଇ ଗତିକରିଛି। ସେହିପରି ଯାତ୍ରୀଙ୍କ ସହାୟତା ପାଇଁ ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି। ଭୁବନେଶ୍ୱର ପାଇଁ ହେଲ୍ପ ଲାଇନ୍ ନଂ.୮୧୧୪୩୮୨୩୭୧ ୭୨୦୫୧୪୯୫୯୧ ଓ ୮୪୫୫୮୮୫୯୯୯, କଟକ ପାଇଁ ୮୯୯୧୧୨୪୨୩୮, ଖୋର୍ଦ୍ଧାରୋଡ୍ ପାଇଁ ୦୬୭୪୨୪୯୨୨୪୫, ଭଦ୍ରକ ପାଇଁ ୯୪୩୭୪୪୩୪୬୯ ପଲାସା ପାଇଁ ୯୨୩୭୧୦୫୪୮୦ ଓ କେନ୍ଦୁଝରଗଡ଼ ପାଇଁ ୯୧୨୪୬୩୯୫୫୮ ନମ୍ବର ଜାରି କରାଯାଇଛି।



ରେଳ ଦୁର୍ଘଟଣା ପରେ ଖରାରେ ଅପେକ୍ଷାରତ ଯାତ୍ରୀ।

**ଯାଜପୁର, ୩୦।୩ (ହର୍ଷବର୍ଦ୍ଧନ ବେହେରା)**

ପୂର୍ବତଟ ରେଳପଥ ଅଧୀନସ୍ଥ କଟକ-ନିର୍ଗୁଣ୍ଡି ରେଳଷ୍ଟେଶନ ନିକଟରେ ବାଙ୍ଗାଲୋର-କାମାକ୍ଷା ଏସି ସୁପରଫାଷ୍ଟ ରବିବାର ପୂର୍ବାହ୍ନ ୧୧ଟା୫୪ ମିନିଟରେ ଲାଇନ୍‌ଚ୍ୟୁତ ହୋଇଛି। ଫଳରେ ଏହି ଟ୍ରେନରେ ଯାତ୍ରା କରୁଥିବା ଶତାଧିକ ଯାତ୍ରୀ ୪୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଉହଳବିକଳ ହୋଇଥିବାର ଦେଖିବାକୁ ମିଳିଥିଲା। ଦୁର୍ଘଟଣା ପରେ ୨୪ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ଦୁର୍ଘଟଣାସ୍ଥଳରେ ଫସିରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବାରେ ରେଳ ବିଭାଗ ଏକପ୍ରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ୭ ଟା ୫୮ ମିନିଟରେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ଦେଇ କେତେଜଣ ଯାତ୍ରୀଙ୍କୁ ସିକନ୍ଦରାବାଦ-ହାଓଡା ଫାଲକନାମା ଏକ୍ସପ୍ରେସ(ନମ୍ବର : ୧୨୭୦୪)ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଛି। ଏହାସହ ସିକନ୍ଦରାବାଦ-ସିଲ୍‌ଚର ଏକ୍ସପ୍ରେସ(ନମ୍ବର : ୧୨୫୧୩) ରେ ଦୁର୍ଘଟଣାସ୍ଥଳରେ ଫସିରହିଥିବା ଯାତ୍ରୀମାନଙ୍କୁ ଅଣାଯାଉଛି ବୋଲି ଯାଜପୁର ରୋଡ୍ ଷ୍ଟେଶନ ମାଷ୍ଟର ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପୁରୀ-ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ(ନମ୍ବର:୧୨୮୭୫) ନିର୍ଗୁଣ୍ଡି ଦେଇ ଅତିକ୍ରମ ନ କରି ନରାଜ ଦେଇ ଆସିବାରୁ ସେଠାରେ ଫସି ରହିଥିବା ଯାତ୍ରୀମାନେ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ନୀଳାଚଳ ଏକ୍ସପ୍ରେସ ଯାଜପୁର ରୋଡ୍ ଷ୍ଟେଶନ ଦେଇ ଅପରାହ୍ନ ୪ଟା ୨୩ ମିନିଟରେ ଅତିକ୍ରମ କରିଥିଲା। ବାଙ୍ଗାଲୋର-କାମାକ୍ଷା ଏସି ସୁପରଫାଷ୍ଟ ଏକ୍ସପ୍ରେସ ଲାଇନଚ୍ୟୁତ ହେବା ପରେ କେବଳ ଡାଉନ୍‌ଲାଇନ୍ ପ୍ରଭାବିତ ହୋଇଛି। ଏହିକ୍ରମରେ ନୀଳାଚଳ ଏକ୍ସପ୍ରେସ ପୁରୀରୁ ବାହାରି ଯଦି ଅପ୍‌ଲାଇନ୍‌ରେ ଆସିଥାନ୍ତା ତେବେ ଖରାରେ ଫସିରହିଥିବା ଯାତ୍ରୀମାନେ ଶୀଘ୍ର ଉଦ୍ଧାର ହୋଇ ପାରିଥାନ୍ତେ ବୋଲି ମତପ୍ରକାଶ ପାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱରଠାରୁ ଭଦ୍ରକ ପଟକୁ ଡାଉନ୍ ଟ୍ରେନଗୁଡ଼ିକର ବାରଙ୍ଗ-ନିର୍ଗୁଣ୍ଡି-କପିଳାସ ରୋଡ୍ ଦେଇ ଦିଗ ପରିବର୍ତ୍ତନ କରାଯାଇଛି। ଏଥିରେ ହାଓଡା-ଧଉଳି ଏକ୍ସପ୍ରେସ(ନମ୍ବର : ୧୨୮୨୨), ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ(ନମ୍ବର : ୧୨୮୭୫), ତିରୁନେଲଭେଲି-ପୁରୁଲିଆ(ନମ୍ବର ୨୨୬୦୬), ସିକନ୍ଦରାବାଦ-ହାୱାଡା ଫାଲକନାମା ଏକ୍ସପ୍ରେସ(ନମ୍ବର: ୧୨୭୦୪) ଏବଂ ସିକନ୍ଦରାବାଦ୍-ସିଲ୍‌ଚର ଏକ୍ସପ୍ରେସ(ନମ୍ବର:୧୨୫୧୩) ରହିଛି। ଏହାବାଦ୍ ଭୁବନେଶ୍ୱରଠାରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବାହାରିଥିବା ଷ୍ଟେଶନ ମାଷ୍ଟର ସାହୁ ସୂଚନା ଦେଇଛନ୍ତି।

- ନରାଜ ଦେଇ ଆସିଲା ନୀଳାଚଳ ଏକ୍ସପ୍ରେସ
- ବାଙ୍ଗାଲୋର-କାମାକ୍ଷା ଏସି ସୁପରଫାଷ୍ଟ ଟ୍ରେନ୍ ଲାଇନ୍‌ଚ୍ୟୁତ

## ମୃତକଙ୍କ ପରିବାରକୁ ୫ ଲକ୍ଷ ସହାୟତା ଘୋଷଣା

**ଭୁବନେଶ୍ୱର, ୩୦।୩ (ଅନୁରାଧା ମହାରଣା)**

କାମାକ୍ଷା ଏକ୍ସପ୍ରେସ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଯୁବକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ଗୁରୁତରଙ୍କ ଚିକିତ୍ସା ପାଇଁ ଅଢ଼େଇ ଲକ୍ଷ ଟଙ୍କା ଏବଂ ଅନ୍ୟ ୨ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପଟେ ପ୍ରଭାବିତଙ୍କୁ ମେଡ଼ିକାଲ ସେବା ତୁରନ୍ତ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କୋଲକାତା ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା କମିଶନର ବ୍ରିଜେଶ ମିଶ୍ର ରବିବାର ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ସୂଚନା ରହିଛି। ଟ୍ରେନ୍ ଲାଇନଚ୍ୟୁତ୍ ହେବା ସମ୍ପର୍କରେ ଜନସାଧାରଣଙ୍କ ପାଖରେ କୌଣସି ସୂଚନା ରହିଥିଲେ ଖୋର୍ଦ୍ଧାରୋଡ୍ ଡିଆରଏମ୍‌ଙ୍କ କାର୍ଯ୍ୟାଳୟରେ ଏପ୍ରିଲ ୧ ଓ ୨ରେ ଜଣାଇବାକୁ ଅନୁରୋଧ କରାଯାଇଛି। ଏହାବ୍ୟତୀତ କୋଲକାତା କୋଇଲାଘାଟସ୍ଥିତ ଦକ୍ଷିଣପୂର୍ବ ସର୍କଲରେ ନିରାପତ୍ତା କମିଶରଙ୍କୁ ଏସମ୍ପର୍କିତ ତଥ୍ୟ ପ୍ରଦାନ କରିପାରିବେ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହତ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସମସ୍ତ ବନ୍ଦୋବସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

